ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.138 Bhubaneswar Friday July 07 2023 ୨୬ତମ ବର୍ଷ ସଂଖ୍ୟା–୧୩୮ ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୦୭, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ଗୋରଖପୁର ଗସ୍ତ

ଗୋରଖପୁର, ୬।୭(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୁକ୍ରବାର ଗୋରଖପୁର ଗସ୍ତକୁ ନେଇ ଏଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଗୀତା ପ୍ରେସ୍ ଓ ରେଲୱେ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୧ ରେ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମ ଏସପିଜି (ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ୍)ର ସୁରକ୍ଷା ଘେରାରେ ସମ୍ପନ୍ନ ହେବ । ଗୀତାପ୍ରେସର ଆଖପାଖରେ ୨୫୦ ଘରକୁ ସୁରକ୍ଷିତ ଜୋନ୍ ରେ ସାମିଲ୍ କରାଯିବା ସହିତ ସେହି ଛାତ ଗୁଡିକ ଉପରେ ଥିବା ଇଟା-ପଥରକୁ ହଟାଯାଇଛି । ସେଠାରେ ସ୍ନାଇପର ମୁତୟନ କରାଯିବ । ଗୀତା ପ୍ରେସ୍ ରେ ବାହାର ଲୋକଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ପ୍ରତିବନ୍ଧିତ କରାଯାଇଛି । ଏହାର ଅତିରିକ୍ତ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ୮ ଜଣ ଏସପି, ୧୧ ଜଣ ଅତିରିକ୍ତ ଏସପି, ୨୨ ଜଣ ସିଓ, ୪୦ ଇନ୍ସପେକ୍ଟର, ୧୯୦ ପୋଲିସ ଅଧିକାରୀ, ୧୫୦୦ ଫୋର୍ସ, ତିନି କମ୍ପାନୀ ପିଏସି, ୩ କମ୍ପାନୀ ଅର୍ଦ୍ଧସୈନିକ ବଳ, ଏଟିଏସର ୪ ଜଣ ଯବାନ ଏବଂ ଏନଏସଜିର ସ୍ନାଇପରଙ୍କୁ ସୁରକ୍ଷା ଦାୟୀତ୍ୱରେ ନିୟୋଜିତ କରାଯାଇଛି । ସେହିପରି ରେଳ ଷ୍ଟେସନରେ ବନ୍ଦେ ଭାରତ ଟ୍ରେନ୍ ର ସୁରକ୍ଷା କରିବ ଆରପିଏଫ । ଏହା ବ୍ୟତୀତ ଜିଆରପିର ୫ ଜଣ ଏଏସପି, ୫୦ ପୋଲିସ ଏବଂ ୩୦୦ ଫୋର୍ସ ମଧ୍ୟ ମୁତୟନ ହେବେ ।



କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡ୍ଗେ, ପୂର୍ବତନ ସଭାପତି ରାହୁଲ ଗାନ୍ଧି, ମାହାସଚିବ କେ.ସି. ବେନୁଗୋପାଳ ନୂଆଦିଲ୍ଲୀଠାରେ ରାଜସ୍ଥାନରୁ ରାଜ୍ୟସଭା ସାଂସଦ ନିରଜ ଡାଙ୍ଗୀ, ମନ୍ତ୍ରୀ ଶକୁନ୍ତଳା ରାବତ, ଭଜନଲାଲ ଜାଟବ୍ ଏବଂ ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହ ସରକାର, ସଙ୍ଗଠନ ବିଷୟରେ ଆଲୋଚନାରତ

## ଡିଏନ୍ ଗ୍ରୁପରେ ଆଇଟି ରେଡରେ ମିଳିଥିବା ଟଙ୍କା କାହାର ଏହାର ତଦନ୍ତ ହେବା ଆବଶ୍ୟକ : କଂଗ୍ରେସ

ଭୁବନେଶ୍ୱର, ୬।୭(ପି.ଏନ): ଆୟ କର ବିଭାଗ ଦ୍ୱାରା ଟିକସ ଫାଙ୍କିବା ଅଭିଯୋଗରେ ବ୍ୟବସାୟିକ ପ୍ରତିଷ୍ଠାନ ଡିଏନ୍ ଗ୍ରୁପ ଉପରେ ଚଢାଉରେ ବିପୁଳ ମାତ୍ରାରେ ମିଳିଥିବା କ୍ୟାସ କାହାର ତାହାର ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ ବୋଲି କଂଗ୍ରେସ ପକ୍ଷରୁ ଦାବି କାରଯାଇଛି । କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଯେ ଗତକାଲି ଯାହା ଡ଼ି ଏନ କମ୍ପାନୀରେ ରେଡ଼ କରାଯାଇଛି । ସେଠାରୁ କୋଟି କୋଟି ଟଙ୍କାର କ୍ୟାସ ରେଡ଼ ହୋଇଛି । ଏହାସହ ବହୁତ କାଗଜ ଜବତ ହୋଇଛି । ଆଗକୁ ମଧ କୋଟି କୋଟି ଟଙ୍କା ମିଳିବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ସବୁଠାରୁ ବଡ଼ କଥା ହେଲା ଯେ ଏ କୋଟି କୋଟି ଟଙ୍କା କାହାର ।କେଉଁ ଦଳର ଓ କେଉଁଠାରୁ ଏହି ଆସିଲା । ଲୋକ କହୁଛନ୍ତି ଏ ଟଙ୍କା ବଡ଼ ବଡ଼ ଅଫିସର ଓ ଶାସକ ଦଳର । ନିର୍ବାଚନରେ ଖଟେଇବା ପାଇଁ ଏଟଙ୍କା ରଖାଯାଇଥିଲା । ଆଇଟି ଖବର ପାଇ ରେଡ଼ କରିଛି । କେଉଁ ବିଧାୟକ ଓ ମନ୍ତ୍ରୀଙ୍କ ଏ ଟଙ୍କା ତାର ଖୁଲାସା ହେବା ଦରକାର ।ଓଡ଼ିଶା ଭଳି ଗରିବ ରାଜ୍ୟରେ ଏତେ ଏତେ କ୍ୟାସ ମିଳିବା ବହୁତ ବଡ଼ କଥା । ଆହୁରି ମଧ ଅନେକ ଟଙ୍କା ମିଳିବା ସମ୍ଭାବନା ରହିଛି ।

# ବିଜେଡିରେ ଉଗ୍ର ଗୋଷ୍ଠୀକନ୍ଦଳ: ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହି ବି ଜିଲ୍ଲାରେ ପଶିପାରୁନାହାନ୍ତି ନେତା

ଭୁବନେଶ୍ୱର,୬।୭(ପି.ଏନ): ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ଶାସକ ବିଜେଡିରେ ଗୋଷ୍ଠୀକନ୍ଦଳ ସେତେ ତୀବ୍ର ହେବାରେ ଲାଗିଛି । କଟକରୁ କୋରାପୁଟ, ସୁନ୍ଦରଗଡରୁ କେନ୍ଦ୍ରାପଡା, ସମ୍ବଲପୁରରୁ ଜଗତସିଂହପୁର, ମୟୂରଭଞ୍ଜରୁ ଗଞ୍ଜାମ, କଳାହାଣ୍ଡିରୁ ପୁରୀ ସବୁ ଜିଲ୍ଲାରେ ବିଜେଡିରେ ସମାନ୍ତରାଳ ସଂଗଠନ ଓ ଗୋଷ୍ଠୀକନ୍ଦଳ ଲାଗି ରହିଥିବାରୁ ଦାୟିତ୍ୱ ମିଳିବାର ୩ମାସ ପରେ ବି ଅଧିକାଂଶ ଦଳୀୟ ଜିଲ୍ଲା ପର୍ଯ୍ୟବେକ୍ଷକ ସେମାନଙ୍କୁ ଆବଂଟିତ ଜିଲ୍ଲାରେ ପଶିପାରୁନାହାନ୍ତି । ନିର୍ବାଚନ ବର୍ଷରେ ଏଭଳି ଉଗ୍ର ଗୋଷ୍ଠୀକନ୍ଦଳ ବିଜେଡି ନେତୃତ୍ୱଙ୍କୁ ଚିନ୍ତାରେ ପକାଇଥିବାବେଳେ ଜିଲ୍ଲା ପର୍ଯ୍ୟବେକ୍ଷକମାନଙ୍କ ଦୁଇଦିନିଆ ବୈଠକ ଡାକି ଗୋଷ୍ଠୀକନ୍ଦଳରେ ତାଳିପକା ଉଦ୍ୟମ କରିବାକୁ ଦଳ ନିଷ୍ପତ୍ତି ନେଇଥିବା ଜଣାପଡିଛି ।ସୂଚନା ଅନୁସାରେ, ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଦଳ ୪ଟି ଜିଲ୍ଲା ଯଥା- କେନ୍ଦୁଝର, ସମ୍ବଲପୁର,ଅନୁଗୁଳ ଓ ଢେଙ୍କାନାଳର ପର୍ଯ୍ୟବେକ୍ଷକ ଦାୟିତ୍ୱ ନ୍ୟସ୍ତ କରିଛି । କେନ୍ଦୁଝର ଜିଲ୍ଲା ସଂଗଠନରେ ଥିବା ଗୋଷ୍ଠୀକନ୍ଦଳ ଉପରକୁ ଏତେ ଦୃଶ୍ୟମାନ ହେଉନଥିଲେ ମଧ ଅନ୍ୟ ୩ଟି ଜିଲ୍ଲାରେ ଦଳର ସମାନ୍ତରାଳ ସଂଗଠନ ଓ ନେତାମାନଙ୍କ ମଧ୍ୟରେ



କନ୍ଦଳ ଶ୍ରୀ ଦାସଙ୍କ ମୁଣ୍ଡବ୍ୟଥା ବଢ଼ାଇ ଦେଇଛି । ନିକଟରେ ସମ୍ବଲପୁର ଜିଲ୍ଲା ଗସ୍ତ କରି ସଂଗଠନ ଉପରେ ଚର୍ଚ୍ଚା କରିଥିବା ଶ୍ରୀ ଦାସ ଗୋଷ୍ଠୀବିବାଦ ଏଡାଇବାକୁ ଜିଲ୍ଲାର ନେତାମାନଙ୍କୁ ଭୁବନେଶ୍ୱର ଡକାଇ ତାଳିପକା ଉଦ୍ୟମ କରିଥିଲେ ମଧ ଛକାପଞ୍ଝା ଏବେ କମିବା ପରିବର୍ତ୍ତ ? ବଢ଼ିବାରେ ଲାଗିଛି । ଆଉ ଜିଲ୍ଲା ସଂଗଠନରେ ବିଧାୟକ ସୁଶାନ୍ତ ସିଂଙ୍କ ଅନାଧିକାର ପ୍ରବେଶ ଓ ମାମଲାତିକୁ ନେଇ ଏହି ନେତାମାନେ ବେଶୀ ଅସନ୍ତୁଷ୍ଟ ଥିବା ଜଣାପଡିଛି । ସେହିପରି ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ନେତାମାନଙ୍କ ମଧ୍ୟରେ ତୀବ୍ର କନ୍ଦଳ ଓ ଛକାପଞ୍ଝାକୁ ପ୍ରଶମିତ କରିବା ପାଇଁ ଶ୍ରୀ ଦାସ ଜିଲ୍ଲାର ନେତାମାନଙ୍କୁ ଭୁବନେଶ୍ୱର ଡକାଇ ଆଲୋଚନା କରିଥିଲେ ମଧ କନ୍ଦଳ ଦିନକୁ ଦିନ ଅଧିକ ହେବାରେ ଲାଗିଛି । ସେହିପରି ରାଜନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଖୋର୍ଦ୍ଧା ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ରବୀନ୍ଦ୍ର ଜେନାଙ୍କୁ ମାର୍ଚ୍ଚ ମାସରୁ ଦାୟିତ୍ୱ ମିଳିଛି । ଶ୍ରୀ ଜେନା ଆଜିପର୍ଯ୍ୟନ୍ତ ଜିଲ୍ଲାରେ ସଂଗଠନ ପ୍ରସଙ୍ଗରେ ଗୋଟିଏ ବୈଠକ ତ ଦୂରର କଥା ଜିଲ୍ଲାର ନେତାମାନଙ୍କ ସହ ଭେଟଘାଟ ବି କରିନଥିବା ଜଣାପଡିଛି । ଖୋର୍ଦ୍ଧା ଜିଲ୍ଲାରେ ବିଜେଡିର ଗୋଷ୍ଠୀକନ୍ଦଳ ଚରମସୀମାରେ ପହଂଚିଛି । ଭୁବନେଶ୍ୱରର ୩ଟି ବିଧାନସଭା ନିର୍ବାଚନମଣ୍ଡଳୀ ସମେତ ବାଲିପାଟଣା, ଜଟଣୀ, ଖୋର୍ଦ୍ଧା, ବେଗୁନିଆରେ ଦଳୀୟ ନେତାମାନେ ସମାନ୍ତରାଳ ଭାବେ ସଂଗଠନ ଜାରି ରଖିଛନ୍ତି ।ସେହିପରି ସବୁଠୁ ବଡ ଜିଲ୍ଲା ମୟୂରଭଞ୍ଜର ପର୍ଯ୍ୟବେକ୍ଷକ ଦାୟିତ୍ୱ ୩ମାସ ତଳେ ପ୍ରଶାନ୍ତ କୁମାର ମୁଦୁଲିଙ୍କୁ ମିଳିଛି । ସେହି ଜିଲ୍ଲାରେ ବିଜେପିର ପ୍ରଭାବ ଅଧିକ ରହିଥିବାବେଳେ ବିଜେଡିର ତୀବ୍ର ଗୋଷ୍ଠୀକନ୍ଦଳ ଓ ଛକାପଞ୍ଝା ଏବେ ତୀବ୍ର ହେବାରେ ଲାଗିଛି । ଯେଉଁଥିପାଇଁ ଶ୍ରୀ ମୁଦୁଲି ପର୍ଯ୍ୟବେକ୍ଷକ ହେବାପରେ ମାତ୍ର ଥରେ-ଦୁଇଥର ଜିଲ୍ଲାକୁ ଗସ୍ତ କରିଛନ୍ତି । ଏପରିକି ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ପରିଷଦ ଉପନିର୍ବାଚନରେ ବି ଶ୍ରୀ ମୁଦୁଲିଙ୍କୁ ଦେଖିବାକୁ ମିଳିନଥିଲା । ଖଣିଜସମୃଦ୍ଧ ମୟୂରଭଞ୍ଜ ଜିଲ୍ଲାରେ ପୂର୍ବରୁ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ପ୍ରଣବପ୍ରକାଶ ସେହି ଜିଲ୍ଲାର ସଂଗଠନକୁ ନିଜ କବଜାରେ ରଖିବାକୁ ପ୍ରୟାସ କରୁଥିବାରୁ ନୂଆ ପର୍ଯ୍ୟବେକ୍ଷକ ଶ୍ରୀ ମୁଦୁଲିଙ୍କୁ ଜିଲ୍ଲାର ସାଂଗଠନିକ କାର୍ଯ୍ୟ କରାଇବାକୁ ସୁଯୋଗ ଦେଉନଥିବା ଚର୍ଚ୍ଚା ହେଉଛି । ପଶ୍ଚିମଓଡିଶାର ଗୁରୁତ୍ୱପୂର୍ଣ୍ଣ କଳାହାଣ୍ଡି ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ପ୍ରଣବ ବଳନ୍ତରାୟଙ୍କୁ ଗତ ୩ମାସ ପୂର୍ବେ ? ନିଯୁକ୍ତି ମିଳିଛି । ସେ ସାଂଗଠନିକ ସ୍ଥିତି ପରଖିବାକୁ ଜିଲ୍ଲାକୁ ମାତ୍ର ଥରୁଟିଏ ଯାଇଥିବା ସୂଚନା ମିଳିଛି । କଳାହାଣ୍ଡି ଜିଲ୍ଲାର ବିଜେଡିର ସଂଗଠନରେ ଫାଟ ଜଳଜଳ ଦିଶୁଥିବାବେଳେ ମମିତା ମେହେର ହତ୍ୟା ମାମଲାରେ ବିବାଦୀୟ ଦିବ୍ୟଶଙ୍କର ମିଶ୍ରଙ୍କୁ ନେଇ ଜିଲ୍ଲାର ଦଳୀୟ ନେତାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ରହିଥିଲେ ମଧ ପ୍ରଣବପ୍ରକାଶ ନିଜର ପତିଆରା ଦେଖାଇବାକୁ ଦିବ୍ୟଶଙ୍କର ଓ ଶ୍ରୀ ବଳବନ୍ତରାୟଙ୍କୁ ଆଗରେ ରଖିଛନ୍ତି । ଯେଉଁଥିପାଇଁ ଜିଲ୍ଲାରେ ସଂଗଠନ ଦିନକୁ ଦିନ ଅଧିକ ବିପର୍ଯ୍ୟସ୍ତ ହେବାରେ ଲାଗିଛି ଓ ଜିଲ୍ଲାର ଆଗଧାଡିର ନେତାମାନଙ୍କ ମଧ୍ୟରେ ଛକାପଞ୍ଝା ତୀବ୍ରତର ହେଉଛି ।

## ବ୍ୟାପୁଛି 'ଆଖିଧରା' ରୋଗ: ଜାଣନ୍ତୁ, କ'ଣ କରିବେ ଓ କ'ଣ କରିବେ ନାହିଁ

ଭୁବନେଶ୍ୱର,୬।୭(ପି.ଏନ): ବର୍ଷା ଆରମ୍ଭରୁ ରାଜ୍ୟସାରା ମାଡିଗଲାଣି ଆଖିଧରା ରୋଗ। ବିଭିନ୍ନ ଜିଲ୍ଲାରୁ ଆସୁଛି ଶହ ଶହ ଆଖିଧରା ମାମଲା। ଆଖିଧରା ଏକ ସ୍ପର୍ଶଜନିତ ସଂକ୍ରାମକ ରୋଗ ହୋଇଥିବାରୁ ଏହାର ପ୍ରତିଷେଧକ ପାଇଁ ମାର୍ଗଦର୍ଶିକା ଜାରି କରିଛି ସ୍ୱାସ୍ଥ୍ୟ ବିଭାଗ। ଏଥିରେ କୁହାଯାଇଛି, ଆଖିଧରାରେ ଆକ୍ରାନ୍ତ ବ୍ୟକ୍ତିଙ୍କ ରୁମାଲ, ତଉଲିଆ ଓ ତକିଆ ଆଦି ବ୍ୟବହାର କରନ୍ତୁ ନାହିଁ। ଏମିତିକି ତାଙ୍କ ଆଇ-ଡ୍ରପ ବି ବ୍ୟବହାର କରନ୍ତୁ ନାହିଁ । ଚଷମା ପିନ୍ଧୁଥିଲେ, ନିୟମିତ ସଫା କରନ୍ତୁ। ସୁଇମିଂ ପୁଲ୍ କିମ୍ବା ପୋଖରୀରେ ମୁହଁ ବୁଡାନ୍ତୁ ନାହିଁ। ଆଖିରେ କସ୍‌ମେଟିକ୍ ଓ କଣ୍ଟାକ୍ଟ ଲେନ୍ସ ବ୍ୟବହାର କରନ୍ତୁ ନାହିଁ ।ଆଖି ଧରିଲେ, ପରିଷ୍କାର କପଡାକୁ ଉଷୁମ ପାଣିରେ ପକାଇ ଆଖି ପୋଛନ୍ତୁ। ଡାକ୍ତରଙ୍କ ବିନା ପରାମର୍ଶରେ ଆଖିରେ କୌଣସି ଔଷଧ ପକାନ୍ତୁ ନାହିଁ।

କିଭଳି ଜାଣିବେ ଆପଣ ଆଖିଧରା ରୋଗରେ ପଡିଛନ୍ତି ?



ଆଖିଧରା ରୋଗକୁ କଞ୍ଜୁଙ୍କଟିଭିଟିସ ବା ପିଙ୍କ ଆଇ ବୋଲି କୁହାଯାଏ। ଏହି ରୋଗ ହେଲେ ଆଖି ଲାଲ୍ ପଡିବା ସହ ଖୁଞ୍ଚି ହୁଏ। ଆଖିରୁ ପାଣି ବୋହିବା ସହ ଲେଞ୍ଜରା ବାହାରେ ।ଆଖିଧରା ରୋଗ ଉଭୟ ଭୂତାଣୁ ଓ ଜୀବାଣୁଜନିତ। ଭୂତାଣୁଜନିତ ଆଖିଧରାରେ ଆଖି ଲାଲ୍ ପଡିବା ସହ ଲୁହ ବାହରିଥାଏ। କିନ୍ତୁ ଜୀବାଣୁଜନିତ ଆଖିଧରାରେ ଆଖିରୁ ପ୍ରଚୁର ପରିମାଣର ଲେଞ୍ଜରା ବାହାରିଥାଏ, ଆଖି ଲାଖିଯାଏ।

କେଉଁମାନେ ସଂକ୍ରମିତ ହେବାର ଆଶଙ୍କା ଅଧିକ ?

ସଚେତନତା ଅଭାବରୁ ଛୋଟ ପିଲା ଓ ସ୍କୁଲ ଛାତ୍ରଛାତ୍ରୀଙ୍କଠାରେ ଏହା ଅଧିକ ସଂକ୍ରମଣ ହେବାର ଆଶଙ୍କା ରହିଛି ।

ଭୁଲ ଧାରଣା

ଚକ୍ଷୁରୋଗ ବିଶେଷଜ୍ଞ କହିଛନ୍ତି, ରୋଗୀର ଆଖିକୁ ଦେଖିବା ଦ୍ୱାରା ଆଖିଧରା ରୋଗ ବ୍ୟାପି ନ ଥାଏ। ଏହା କେବଳ ଏକ ଅନ୍ଧବିଶ୍ୱାସ। ମୁଖ୍ୟତଃ ସଂକ୍ରମିତ ରୋଗୀର ଲୁହ ଓ ଲେଞ୍ଜରାଜରିଆରେ ଆଖିଧରା ରୋଗ ସଂକ୍ରମିତ ହୋଇଥାଏ । ତେଣୁ ଆଖିଧରା ହୋଇଥିଲେ ରୋଗୀ ନିଜ ଆଖିଠାରୁ ହାତକୁ ଦୂରେଇ ରଖିବା ସହ ବାରମ୍ବାର ହାତ ଧୁଅନ୍ତୁ।

## ପଶ୍ଚିମବଙ୍ଗରେ ପଂଚାୟତ ନିର୍ବାଚନ ପାଇଁ ଭୋଟିଂର ୪୮ ଘଂଟା ପୂର୍ବରୁ ଭାଜପା ନେତାଙ୍କୁ ହତ୍ୟା

କୋଲକାତା, (ପି.ଏନ): ପଶ୍ଚିମବଙ୍ଗରେ ପଂଚାୟତ ନିର୍ବାଚନ ପାଇଁ ୮ ଜୁଲାଇରେ ଭୋଟଗ୍ରହଣ କରାଯିବ । ମତଦାନର ୪୮ ଘଂଟା ପୂର୍ବରୁ ବୀରଭୂମ ଜିଲ୍ଲାର ହିଙ୍ଗଳା ଗ୍ରାମ ପଂଚାୟତରେ ଭାଜପାର ବୁଥ୍ ଉପାଧକ୍ଷ ଦିଲ୍ଲୀପ ମହାରା (୪୮)ଙ୍କୁ ହତ୍ୟା କରାଯାଇଛି । ହତ୍ୟା ପରେ ତାଙ୍କ ଶବକୁ ତାଙ୍କ ଘର ନିକଟ ରାସ୍ତା କଡ଼ରେ ଫିଙ୍ଗି ଦିଆଯାଇଥିଲା । ବୁଧବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଛି । ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଗୁରୁବାର ସକାଳେ ଜାରୀ କରାଯାଇଥିବା ବୟାନରେ କୁହାଯାଇଛି ଯେ, ବୁଧବାର ରାତିରୁ ଦିଲ୍ଲୀପ ନିଖୋଜ ଅଛନ୍ତି । ଆଜି ସକାଳେ ତାଙ୍କ ଶବ ରାସ୍ତା କଡ଼ରୁ ମିଳିଛି । ତାଙ୍କ ବେକରେ ଚୋଟର ଚିହ୍ନ ରହିଛି । ଯାହାକି ତାଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି ।

### ଛତିଶଗଡ଼ ସରକାରକୁ ଟାର୍ଗେଟ୍ କଲା ବିଜେପି

ନୂଆଦିଲ୍ଲୀ, ୬।୭(ପି.ଏନ): ଛତିଶଗଡ଼ ସରକାରକୁ ଟାର୍ଗେଟ୍ କରିଛି ଭାରତୀୟ ଜନତା ପାର୍ଟି (ଭାଜପା) । ଗୁରୁବାର ଭାଜପା ନେତା ରବିଶଙ୍କର ପ୍ରସାଦ ଅଭିଯୋଗ ଆଣିଛନ୍ତି ଯେ, ଆଜିକାଲି ମଦ ମାଧମରେ ଅବୈଧ ରୋଜଗାର କରିବା ଅଣଭାଜପା ସରକାରର ଯୋଜନା ହୋଇଛି । ଦିଲ୍ଲୀ ସରକାରର ଉପମୁଖ୍ୟମନ୍ତ୍ରୀ ଏହି ମାମଲାରେ ସମ୍ପ୍ରତି ଜେଲ୍ ରେ ଅଛନ୍ତି ଏବଂ ୪ ଥର ତାଙ୍କର ଜାମିନ୍ ଖାରଜ ହେଲାଣି । ଛତିଶଗଡ଼ ସରକାର ମଧ ମଦ ବିକ୍ରିରୁ ୨,୧୬୧ କୋଟି ଟଙ୍କା ଲୁଟ୍ କରିଛି । ଏହି ଅର୍ଥ ରାଶି ମଦ ବିକ୍ରି ଉପରେ ପ୍ରଦେଶକୁ ତ୍ରୁଟି ରୂପରେ ପ୍ରାପ୍ତ ହୋଇଥାଏ ।

## ଟ୍ୱିନ ସିଟି ଇନ୍‌ଫ୍ରାକନ୍ କାର୍ଯ୍ୟାଳୟରେ ଆୟକର ବିଭାଗର ଚଢ଼ାଉ

କଟକ,୬।୭(ପି.ଏନ): କଟକ ତ୍ରିଶୁଳିଆ ଠାରେ ଥିବା ଘରୋଇ ଗୃହ ନିର୍ମାଣକାରୀ ସଂସ୍ଥା ଟ୍ୱିନ ସିଟି ଇନ୍‌ଫ୍ରାକନ୍‌ର କାର୍ଯ୍ୟାଳୟରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଆୟକର ବିଭାଗର ୧୫ଜଣିଆ ଟିମ୍ ଏହି ଚଢ଼ାଉ କରିଥିବା ବେଳେ ବିଭିନ୍ନ କାଗଜପତ୍ରକୁ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି। ଏହି ଚଢ଼ାଉ ବେଳେ ଆୟକର ବିଭାଗର ଟିମ୍ ଅନେକ ତଥ୍ୟ ପାଇଛି ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଏହି ଚଢ଼ାଉ ଗତକାଲି ମଧାହ୍ନରୁ ଆରମ୍ଭ ହୋଇଥିଲା। ଆୟକର ବିଭାଗର ଟିମ୍ ଅଚାନକ




ଚଢ଼ାଉ କରି ସଂସ୍ଥାର ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲା। ଡିଏନ୍ ଗ୍ରୁପରେ ଆୟକର ଚଢ଼ାଉ ଲିଙ୍କରେ ଟ୍ୱିନ ସିଟି ଇନ୍‌ଫ୍ରାକନ୍‌ର କାର୍ଯ୍ୟାଳୟ ଉପରେ ଏହି ଚଢ଼ାଉ କରାଯାଇଥିବା ଅନୁମାନ କରାଯାଉଛି। ତେବେ ଏହି ଚଢ଼ାଉ ପଛରେ ଥିବା କାରଣ ବାବଦରେ କୌଣସି ପ୍ରକାରର ସୂଚନା ଆୟକର ବିଭାଗ ପକ୍ଷରୁ ଗଣମାଧମକୁ ଦିଆଯାଇନାହିଁ।

## ପ୍ରକାଶ ପାଇଲା ଯୁକ୍ତ ୨ କଟକ ଅଫ୍ ମାର୍କ ତାଲିକା

*ବିଜ୍ଞାନ , ବାଣିଜ୍ୟ ଓ କଳାରେ ଆଗରେ ରେଭେନ୍ସା*

ଭୁବନେଶ୍ୱର, ୬।୭(ପି.ଏନ): ଚଳିତ ବର୍ଷ ଯୁକ୍ତ ଦୁଇରେ ନାମ ଲେଖା ପାଇଁ ପ୍ରଥମ ପର୍ଯ୍ୟାୟ କଟଅଫ୍ ମାର୍କ ଗୁରୁବାର ପ୍ରକାଶ ପାଇଛି। ଏଥର ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆଗରେ ରହିଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ମେରିଟ୍ ଲିଷ୍ଟ ଅନୁଯାୟୀ ପ୍ରଥମ ପର୍ଯ୍ୟାୟ କଟଅଫ୍ ରେ ୪ ଲକ୍ଷ ୧୨ ହଜାର ୩୬୮ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ସୂଚନା ଅନୁଯାୟୀ ରେଭେନ୍ସା ବିଶ୍ୱ ବିଦ୍ୟାଳୟରେ କଳାରେ ସର୍ବାଧିକ ୮୦ ପ୍ରତିଶତ କଟଅଫ ମାର୍କ ରହିଛି। ସେହିପରି ରାଉରକେଲା ସରକାରୀ କଲେଜରେ କଟଅଫ୍ ମାର୍କ ୭୯ ପ୍ରତିଶତ ଥିବା ବେଳେ ତୃତୀୟ ସ୍ଥାନରେ ଥିବା ଡିଏଭି ଟିଟିଲାଗଡ଼ରେ କଟଅଫ୍ ମାର୍କ ୭୮.୬୭ ପ୍ରତିଶତ ରହିଛି। ଚତୁର୍ଥ ସ୍ଥାନରେ ଥିବା ବାଲେଶ୍ୱର ଏଫ୍‌ଏମ୍ କଲେଜର କଟଅଫ୍ ମାର୍କ ୭୮ ପ୍ରତିଶତ ଥିବାବେଳେ ପଂଚମରେ ଥିବା ଭବାନୀପାଟଣାର କଲେଜର କଟଅଫ୍ ମାର୍କ ୭୭.୫୦ ପ୍ରତିଶତ ରହିଛି। ସେହିପରି ରେଭେନ୍ସାରେ ବିଜ୍ଞାନର କଟଅଫ୍ ମାର୍କ ସର୍ବାଧିକ ୯୧.୬୭ ରହିଛି। ରେଭେନ୍ସା ପଛକୁ ଦ୍ୱିତୀୟରେ ବାଲେଶ୍ୱର ଏଫ୍‌ଏମ୍ କଲେଜର କଟଅଫ୍ ମାର୍କ ୯୦ ପ୍ରତିଶତ ଥିବା ବେଳେ ୮୯ ପ୍ରତିଶତ ସହ ତୃତୀୟ ସ୍ଥାନରେ ରହିଛି ବିଜେବି କଲେଜ।

## ବିଜେପି ସହ ଅଜିତ୍ ହାତ ମିଳାଇବା ପରେ ଚିନ୍ତାରେ ସିନ୍ଦେ ଗୋଷ୍ଠୀ

ଭୁବନେଶ୍ୱର,୬।୭(ପି.ଏନ): ଅଜିତ ପାୱାରଙ୍କ ନେତୃତ୍ୱରେ ଏନ୍‌ସିପି ବିଧାୟକମାନେ ସରକାରରେ ସାମିଲ ହେବା ପରେ ମହାରାଷ୍ଟ୍ର ଶାସକ ମେଣ୍ଟରେ କନ୍ଦଳ ଦେଖାଦେଇଥିବ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଅଜିତ ପାୱାର ଗୋଷ୍ଠୀ ସରକାରରେ ସାମିଲ ହେବା ଘଟଣାକୁ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ବିଶ୍ୱସ୍ତ ନେତାମାନେ ସହଜରେ ଗ୍ରହଣ କରିପାରୁନଥିବା ଶୁଣିବାକୁ ମିଳୁଛି। ସେମାନେ ଅସହିଷ୍ଣୁ ହୋଇପଡିଛନ୍ତି ।ସେମାନେ ଏନସିପି ସରକାରରେ ସାମିଲ ହେବାପରେ ଶିବସେନା ଗୋଷ୍ଠୀର ନେତାମାନେ



ସେମାନଙ୍କ ଇଚ୍ଛା ଅନୁଯାୟୀ ପଦବୀ ପାଇନପାରନ୍ତି। ଏହି କାରଣ ପାଇଁ ସେମାନେ ଅସନ୍ତୁଷ୍ଟ ଅଛନ୍ତି ବୋଲି ସିନ୍ଦେ ଗୋଷ୍ଠୀର ବିଧାୟକ ସଂଜୟ ସିର୍ସତ କହିଛନ୍ତି। ତେବେ ଏନେଇ କିଛି ବିବାଦ ନାହିଁ ଏବଂ ଏକନାଥ ସିନ୍ଦେ ହିଁ ମୁଖ୍ୟମନ୍ତ୍ରୀ ରହିବେ ଏବଂ ତାଙ୍କ ନେତୃତ୍ୱରେ ସରକାର ଚାଲିବ ବୋଲି ସେ ପରେ ସ୍ପଷ୍ଟ କରିଛନ୍ତି।

## ଚିତ୍ରକୋଣ୍ଡା ୧୦୮ ବୋଟ୍ ଆମ୍ବୁଲାନ୍ସ ସେବାରେ ରହିଥିବା କେତେକ ସମସ୍ୟାର ଆଶୁ ସମାଧାନ ନିମନ୍ତେ କେନ୍ଦ୍ର ମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ

ମାଲକାନଗିରି, ୬।୭(ପି.ଏନ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଜଳଭଣ୍ଡାର ମଧ୍ୟରେ ରହିଥିବା ଗ୍ରାମ ଗୁଡିକର ରୋଗୀଙ୍କୁ ଚିତ୍ରକୋଣ୍ଡା ଉପଖଣ୍ଡ ମେଡିକାଲକୁ ଆଣିବା ପାଇଁ ଥିବା ୧୦୮ ବୋଟ ଆମ୍ବୁଲାନ୍ସର କର୍ମଚାରୀଙ୍କ ରହିବା ନିମନ୍ତେ ତାଙ୍କ ବେସ୍ କେମ୍ପ "କୁନ୍ତୁରୁ ପଦର" ଓ "ଓରା ପଦର" ରେ ଘରଟିଏ ନାହିଁ, ସେମାନେ ଏକ ପରିତ୍ୟକ୍ତ ଘରେ ରହୁଛନ୍ତି। ସେହି ଘରେ ବିଜୁଳିର ବ୍ୟବସ୍ଥା ନାହିଁ। ଗତ ୪ ଜୁନ୍ ୨୦୨୩ ରେ ଏହାର ଟିଣ ଛାତ ମଧ ଉଡିଯାଇଛି। ତେଣୁ ସେଠାର ଛାତ ମରାମତି, ବିଜୁଳି, ବଲ୍ବ, ପଙ୍ଖା ପ୍ରଭୃତିର ବ୍ୟବସ୍ଥା କରାଯାଉ। ବର୍ଷା ସମୟରେ ଯାତାୟତ ବେଳେ ରୋଗୀ, ସହଯୋଗୀ ଓ କର୍ମଚାରୀ ସମ୍ପୁର୍ଣ୍ଣ ଭିଜି (ଓଦା) ହୋଇଯାଉଛନ୍ତି। ଫଳରେ ରୋଗୀ ଅଧିକ ଗମ୍ଭିର ହୋଇ ପଡୁଛନ୍ତି। ଏଣୁ ବୋଟ୍ ଟିକୁ ବର୍ଷା ପ୍ରତିରୋଧ କରିବା ସହ କର୍ମଚାରୀଙ୍କୁ ବର୍ଷା ପ୍ରତିରୋଧ ବସ୍ତ୍ର ପ୍ରଦାନ କରାଯାଉ। ଜଳଭଣ୍ଡାରରେ ପବନର ଶୀତଳ ଗତି ବର୍ଷସାରା ସବୁବେଳେ ରହୁଛି। ଶୀତ ଦିନମାନଙ୍କରେ ଶୀତର ପ୍ରକୋପରୁ ରକ୍ଷା ନିମନ୍ତେ ରୋଗୀ ଓ କର୍ମଚାରୀଙ୍କୁ ଶୀତବସ୍ତ୍ର, କମ୍ବଳ (ଅତି କମ୍ରେ ୬ଟି) ଦିଆଯାଉ। ନେଟ୍‌ୱାର୍କ ସବୁବେଳେ ସମାନ ନଥାଏ ଏଣୁ ୱାର୍ଲେସ୍ କମ୍ୟୁନିକେସନ୍ ର ବ୍ୟବସ୍ଥା କଲେ ଅତ୍ୟାବଶ୍ୟକ ସମୟରେ ସହଜରେ ସମ୍ପର୍କ ସ୍ଥାପନ କରି ରୋଗୀଙ୍କୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇ ପାରିବ। ସିଗନାଲ୍ ର କ୍ଷମତା ବୃଦ୍ଧି କଲେ କୂଳରେ ଥିବା ଗାଁକୁ ଆମ୍ବୁଲାମ୍ସ ପହଂଚିବା ସୂଚନା ମିଳିପାରିବ ଓ ସମୟର ସ୍ୱଚ୍ଛ ବିନିଯୋଗରେ ରୋଗୀଙ୍କୁ ସହଜରେ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇ ପାରିବ। ବୋଟ୍ ରେ ଥିବା ବ୍ୟାଟେରି ଅନେକ ସମୟରେ ଚାର୍ଜ୍ ରହୁନାହିଁ, ଏଣୁ ସୋଲାର ପେନାଲ୍ ର ବ୍ୟବସ୍ଥା କଲେ ସୂର୍ଯ୍ୟ କିରଣରେ ବ୍ୟାଟେରୀ ଚାର୍ଜ୍ ହେବ ଓ ବୋଟ୍ ଷ୍ଟାର୍ଟ କରିବା ସହ ଚଳାଇବାରେ ସହଜ ହେବ। ଜଳଭଣ୍ଡାରରେ ଅନେକ ଗଛର ଖୁଂଟ ପାଣି ଭିତରେ ବୁଡି ରହିଛି, ବୋଟ୍ ଚଳାଇବା ସମୟରେ ପାଣି ଭିତରେ ନଦେଖାଯିବା ଯୋଗୁଁ ବହୁ ସମୟରେ ବୋଟ୍ ଚଳାଚଳରେ ଅସୁବିଧା ହେଉଛି। ଏଣୁ ବୋଟ୍ର ସମ୍ମୁଖରେ ଜଣେ ବ୍ୟକ୍ତିଙ୍କୁ ରାସ୍ତା ଦେଖାଇବା ନିମନ୍ତେ ବସାଇବାକୁ ପଡୁଛି, ଏଣୁ ବୋଟ୍ ଚାଳକଙ୍କ ସ୍ଥାନ ଓ ଷ୍ଟେରିଂକୁ ଉଚ୍ଚ ସ୍ଥାନରେ ରଖିବା ବ୍ୟବସ୍ଥା କଲେ ବୋଟ୍ ଆମ୍ବୁଲାନ୍ସ ଚଳାଇବାରେ ସହଜତା ହେବ। ଅନେକ ସମୟରେ ଚିତ୍ରକୋଣ୍ଡା ପହଂଚିବା ବେଳେ ରାତି ହୋଇଯାଉଛି। ସର୍ଚ୍ଚ ଲାଇଟ୍ ବିଶେଷ ଉଜ୍ଜ୍ୱଳ ନଥିବାରୁ ଅନେକ ସମୟରେ ବୋଟ୍ ର ଗତିକୁ ଅତି ଧିର କରିବାକୁ ପଡୁଛି। ଏଣୁ ଉଚ୍ଚ କ୍ଷମତାଯୁକ୍ତ ସର୍ଚ୍ଚ ଲାଇଟ୍ (ଟର୍ଚ୍ଚ) ପ୍ରଦାନ କରାଯାଉ। କୁନ୍ତୁରୁ ପଦରର ସେହି ଅସ୍ଥାୟୀ ଘରଟି ଗତ ୪ ଜୁନ୍ ୨୦୨୩ ରେ ଆକ୍ସେସ ଛାତଟି ସମ୍ପୁର୍ଣ୍ଣ ନଷ୍ଟ ହୋଇଯାଇଛି, ବର୍ତ୍ତମାନ ରୋଗୀଙ୍କ ସୂଚନା ପାଇବା ପରେ ବୋଟ୍ ଆମ୍ବୁଲାନ୍ସ ଚିତ୍ରକୋଣ୍ଡାରୁ ବାହରି ରୋଗୀଙ୍କୁ ଆଣିବାକୁ ଯାଉଅଛି। ଯାହା ଫଳରେ ଏହି ବୋଟ୍ ଆମ୍ବୁଲାନ୍ସ ସେବା ଆହୁରି ବିଳମ୍ବ ହୋଇପଡୁଛି। ଓଡିଶାର ବୋଟ୍ ଆମ୍ବୁଲାନ୍ସ ଚାଲିଥିବା ୪ ଜିଲ୍ଲାରୁ ମାଲକାନଗିରି ଜିଲ୍ଲାରେ ଏହାର ଆବଶ୍ୟକତା ଅନେକ ରହିଛି। ଦୁଇଟି ୧୦୮ ଆମ୍ବୁଲାନ୍ସ ଆମ ଉପାନ୍ତ ଅଂଚଳର ୧୦ ୨୭ କେନ୍ଦ୍ରରୁ ସହଜରେ ରୋଗୀଙ୍କୁ ଚିତ୍ରକୋଣ୍ଡା ଆଣି ପ୍ରତିବର୍ଷ ହଜାରରୁ ଅଧିକ ରୋଗୀଙ୍କୁ ଆରୋଗ୍ୟତା ଦେବାରେ ସହଯୋଗ କରୁଛି। ୩୭ କେନ୍ଦ୍ରରୁ ସହଜରେ ରୋଗୀଙ୍କୁ ଚିତ୍ରକୋଣ୍ଡା ଆଣି ପ୍ରତିବର୍ଷ ହଜାରରୁ ଅଧିକ ରୋଗୀଙ୍କୁ ଆରୋଗ୍ୟତା ଦେବାସହ ସେମାନଙ୍କ ଅମୁଲ୍ୟ ଜୀବନ ବଂଚାଇବାରେ ଯେଉଁ ପଦକ୍ଷେପ ୧୦୮ ବୋଟ୍ ଆମ୍ବୁଲାନ୍ସ ଗ୍ରହଣ କରିଛି ତାହ ସବୁବେଳେ ସ୍ୱାଗତଯୋଗ୍ୟ ରହିଛି ।ସେମାନଙ୍କ କାର୍ଯ୍ୟ କରିବାର କ୍ଷମତା ବୃଦ୍ଧି ନିମନ୍ତେ ଉପର ଲିଖିତ ଉପକରଣର ଆବଶ୍ୟକତା ପୂରଣକଲେ ଆଉ ଅନେକ ରୋଗୀ ଏହି ସେବାର ଲାଭ ଉଠାଇ ପାଇପାରିବେ। ଏ ବିଷୟରେ ଏକ ସ୍ମାରକ ପତ୍ର ଆଜି ବିଶ୍ୱେଶ୍ୱର ଟୁଡୁ କେନ୍ଦ୍ରୀୟ ରାଷ୍ଟ୍ରମନ୍ତ୍ରୀ ଆଦିବାସୀ ଓ ଜଳ ଶକ୍ତି'' ଙ୍କୁ ଖଇରପୁଟ ଠାରେ ଦିଆଯାଇଛି। ସେ ଏଥିପ୍ରତି ଅତିଶିଘ୍ର ପଦକ୍ଷେପ ନେବେ ବୋଲି କହିଛନ୍ତି।

## ୧୦ ବର୍ଷ ହେଲା ଭାତ ଖାଇନାହାନ୍ତି ୧୦ ବର୍ଷର କୁନିଝିଅ

ଭୁବନେଶ୍ୱର,୬।୭(ପି.ଏନ): ବୟସ ୧୦ ବର୍ଷ। ହେଲେ ଆଜି ପର୍ଯ୍ୟନ୍ତ ଖାଇନାହାନ୍ତି ଭାତ। କେବଳ ମୁଢି ଖାଇ ବଞ୍ଚିଛନ୍ତି। ଖାଲି ବଞ୍ଚି ନାହାନ୍ତି, ବରଂ ସମ୍ପୂର୍ଣ୍ଣ ସୁସ୍ଥ ଓ ସବଳ ରହିଛନ୍ତି। ଭଦ୍ରକ ଜିଲ୍ଲା ଭଣ୍ଡାରପୋଖରୀରୁ ଆସିଛି ଏପରି ଅଦ୍ଭୁତ ଖବର। ସବୁଠାରୁ ମଜାଦାର କଥା ହେଉଛି, ଝିଅ ଭାତ ଖାଉନଥିବାରୁ ସ୍କୁଲରେ ମଧ୍ୟାହ୍ନ ଭୋଜନରେ ତାଙ୍କ ପାଇଁ ମୁଢିର ବ୍ୟବସ୍ଥା କରାଯାଇଛି ।ଭଣ୍ଡାରିପୋଖରୀ ବ୍ଲକ୍ ? ମାଳଦା ପଞ୍ଚାୟତର ଚତୁର୍ଭୁଜପୁର ଗାଁ। ଏହି ଗାଁର ମକରା ମାଝୀ ଓ କମଳିନୀଙ୍କ ସାନ ଝିଅ ହେଉଛନ୍ତି ଲକ୍ଷ୍ମୀପ୍ରିୟା। ଜନ୍ମ ପରେ ମାଆ କ୍ଷୀର ଖାଉଥିଲେ। ଧୀରେ



ଧୀରେ ଲକ୍ଷ୍ମୀପ୍ରିୟା ବଢ଼ିଲେ। ଝିଅ ବଢ଼ିଲା ପରେ ଭାତ, ଡାଲି, ରୁଟି ଓ ଅନ୍ୟାନ୍ୟ ଖାଦ୍ୟ ଖାଇବାକୁ ଦେଇଥିଲେ ମାଆ। ହେଲେ ସେଥିପ୍ରତି ତାଙ୍କର ସାମାନ୍ୟତମ ରୁଚି ନଥିଲା। ଭାତ ଓ ଡାଲି ବଦଳରେ ପାଖରେ ଥିବା ମୁଢି ଖାଇଥିଲେ। ଯେଉଁଥିପାଇଁ ବାପା-ମାଆ ଅଡୁଆରେ ପଡି ଯାଇଥିଲେ।










# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୟୌସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଯୁକ୍ତ ଦୁଇ ବାଣିଜ୍ୟରେ ଜିଲ୍ଲା ଟପ୍ପର, ଉଚ୍ଚ ଶିକ୍ଷା ପାଇଁ ନାହିଁ ସମ୍ବଳ

ମାଲକାନଗିରି, (ପି.ଏନ): ଝିଅ ଯୁକ୍ତ ଦୁଇ ବାଣିଜ୍ୟରେ ଜିଲ୍ଲା ଟପ୍ପର। କିନ୍ତୁ, ବାପା ମୂଲିଆ। ଆର୍ଥିକ ଅନଟନ ଯୋଗୁଁ ପୂର୍ବରୁ ଦୁଇ ମେଧାବୀ ପୁଅ ଝିଅଙ୍କ ପାଠ ପଢାରେ ବାଧା ଉପୁଜିଥିଲା। କିନ୍ତୁ, ଏବେ ସାନ ଝିଅ ଜିଲ୍ଲା ଟପ୍ପର ହେବା ପରେ ଝିଅର ଆଗାମୀ ପାଠ ପଢାକୁ ନେଇ ଚିନ୍ତାରେ ବାପା। ଏପଟେ ଝିଅ ମଧ୍ୟ ବାପାଙ୍କୁ ଚାଷ ଓ ମୂଲ ଲାଗିବା ବେଳେ ବାପାଙ୍କ କାମରେ ସାହାଯ୍ୟ କରୁଥଲା ନିଜେ ସବୁ କରି ମଧ୍ୟ ଜିଲ୍ଲାରେ ଟପ୍ପର ହେବା ସତ୍ୱେ ଆଗାମୀ ଭବିଷ୍ୟତକୁ ନେଇ ଚିନ୍ତାରେ ପରିବାର।ନା ମମତା ପ୍ରଧାନୀ, ଘର ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଉଦୁଲିବେଡା ପଂଚାୟତର ବାଲିଗୁଡା। ଚାରି ଭାଇ ଭଉଣୀ ମଧ୍ୟରୁ ୩ ନମ୍ବର ଝିଅ ମମତା।ଚଳିତ ବର୍ଷ ଯୁକ୍ତ ଦୁଇ ବାଣିଜ୍ୟ ବିଭାଗରେ ୫୦୨ ମାର୍କ ରଖି ଜିଲ୍ଲାର ଟପ୍ପର ହୋଇଥିଲେ। କିନ୍ତୁ, ଏବେ ଘର ନିକଟରେ ଆଗକୁ ପାଠ ପଢ଼ିବାର କୌଣସି ମାଧ୍ୟମ ବା କଲେଜ ନଥିବାରୁ ଚିନ୍ତାରେ ପୁରା ପରିବାର। ମମତା ନିଜେ କୁଲି କାମ କରିବା ସହ ବାପାଙ୍କୁ ଚାଷବାସ କାମରେ ସାହାଯ୍ୟ କରୁଥିଲା। ଘରର ସମସ୍ତ କାମ କରିବା ସହ ଜଙ୍ଗଲରୁ କାଠ ଆଣିବା, କୁକୁଡ଼ା ମାନଙ୍କୁ ଖାଇବାକୁ ଦେବା, ସେମାନଙ୍କ ଯତ୍ନ ନେବା ଆଦି କାମ ମଧ୍ୟ ନିଜେ କରୁଥିଲେ। ବିଭିନ୍ନ ପ୍ରକାରର ପନିପରିବା ଚାଷରେ ବାପାଙ୍କୁ ଜମି କାମରେ ସାହାଯ୍ୟ ମଧ୍ୟ କରୁଥିଲେ। ତାହା ସହ ଗୋବିନ୍ଦପାଲ୍ଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଣିଜ୍ୟ ବିଭାଗରେ ଅଧ୍ୟୟନ କରି ବିନା କୌଣସି କୋଚିଂରେ ଜିଲ୍ଲାର ଟପ୍ପର ମଧ୍ୟ ହେଲେ, କିନ୍ତୁ ଏବେ ଆଗକୁ ଅଧ୍ୟୟନ କିପରି କରିବେ ତାକୁ ନେଇ ଚିନ୍ତା। ପୂର୍ବରୁ ବଡ଼ ଭଉଣୀ ଦୁତିକା ପ୍ରଧାନୀ ଓ ପୁଅ ଅଜୟ ପ୍ରଧାନୀ ମେଧାବୀ ହୋଇ ମଧ୍ୟ ଆର୍ଥିକ ଅନଟନ ମଧ୍ୟରେ ପାଠ ପଢା ଛାଡି ଦେଇଥିଲେ। ଏବେ ମମତା କଣ କରିବ ତାକୁ ନେଇ ଚିନ୍ତାରେ।ନିଜର ଦୁଇ ପୁଅ ଝିଅଙ୍କୁ ଅଧାରେ ପାଠ ପଢା ଏବଂ ଏବେ ଝିଅର ଆଗାମୀ ଭବିଷ୍ୟତକୁ ନେଇ ଚିନ୍ତାରେ ବାପା ଆନନ୍ଦ ପ୍ରଧାନୀ । ମାଥିଲି ଖଇରପୁଟ ବ୍ଲକରେ ବାଣିଜ୍ୟ ବିଭାଗରେ ଯୁକ୍ତ ତିନିର କୌଣସି ବ୍ୟବସ୍ଥା ନାହିଁ । ଭରଷା କେବଳ ବାଲିମେଳା, ମାଲକାନଗିରି ଓ ଜୟପୁର । ଯାହାକି ଘରଠୁ ପ୍ରାୟ ୫୦ କି.ମି. ଦୂର । ସେଠାରେ ପଢିବାକୁ ହେଲେ ହଷ୍ଟେଲରେ ରହି ପଢିବାକୁ ହେବ। କିନ୍ତୁ, ଆର୍ଥିକ ଅବସ୍ଥା ସୁଦୃଢ଼ ନଥିବାରୁ ତାହା ମଧ୍ୟ ଆନନ୍ଦଙ୍କ ପରିବାର ପାଇଁ ସମ୍ଭବ ନୁହଁ। ଓବିସି ଶ୍ରେଣୀର ହୋଇଥିବାରୁ ସରକାରଙ୍କ ଠାରୁ ମଧ୍ୟ କୌଣସି ସୁବିଧା ନାହିଁ। ପୂର୍ବ ଦୁଇ ପୁଅ ଝିଅ ଭଳି ମମତାଙ୍କ ପାଠ ପଢା ମଧ୍ୟ କଣ ଅଧାରେ ରହିଯିବ ସେଥିପାଇଁ ବାପା ଓ ପରିବାର ଚିନ୍ତାରେ। ଏପଟେ ଗ୍ରାମବାସୀ କହିଛନ୍ତି, ଜିଲ୍ଲା ଟପ୍ପର ହେବାରୁ ଆମ ଗାଁ ପାଇଁ ମମତା ଗର୍ବ। ଅଂଚଳରେ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ପାଇଁ ଏକ ଯୁକ୍ତ ତିନି କଲେଜ ହେଲେ ସ୍ଥାନୀୟ ଗରିବ ଛାତ୍ର ଛାତ୍ରୀଙ୍କ ପାଇଁ ଅଧିକ ସୁବିଧା ହୁଅନ୍ତା।

## ଶ୍ରାବଣ ମାସରେ ଲୋକନାଥ ମନ୍ଦିରରେ ଜଳ ଲାଗି ବ୍ୟବସ୍ଥା ବୈଠକ ଅନୁଷ୍ଠିତ

ପୁରୀ, (ପି.ଏନ): ଲୋକନାଥ ମନ୍ଦିର ରେ ଶ୍ରାବଣ ମାସରେ କାଉଡ଼ିଆ ମାନେ ଜଳ ଲାଗି ବ୍ୟବସ୍ଥା କୁ ଶୃଙ୍ଖଳିତ କରିବା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଥିଲା। ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲ୍ଲାପାଳ ଭବତାରଣ ସାହୁ ଅଧକ୍ଷତା କରିବା ସହ ଚଳିତ ବର୍ଷ ପଞ୍ଜିକା ଅନୁସାରେ ଯୋଡ଼ା ଶ୍ରାବଣ ପଡୁଥିବାରୁ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିସ୍ତୃତ ଆଲୋଚନା ପରେ ନିଷ୍ପତି ହେଲା ଯେ ଜୁଲାଇ ମାସର ୧୦ ଓ ୧୭ ତାରିଖ ଏବଂ ଅଗଷ୍ଟ ମାସର ୨୧ ଓ ୨୮ ତାରିଖ ଜଳ ଲାଗି ପାଇଁ ଶ୍ରଦ୍ଧାଳୁ ମାନଙ୍କୁ ସଚେତନ କରାଯିବ।ଶ୍ରଦ୍ଧାଳୁ ମାନେ ଏହି ୪ ଦିନ ଲୋକନାଥ ମନ୍ଦିର ରେ ଜଳ ଲାଗି କରି ପାରିବେ। ଏହି ସମୟରେ ପୋଲିସ ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା, ଶୃଙ୍ଖଳିତ ଭାବେ ଧାଡ଼ି ରେ ରହି ଜଳ ଲାଗି ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ପୌରପାଳିକା ପକ୍ଷରୁ ପରିଷ୍କାର ପରିଚ୍ଛନ୍ନ ଓ ସ୍ୱଚ୍ଛତା ବ୍ୟବସ୍ଥା, ଅଗ୍ନିଶମ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା, ଟି ପି ସି ଓ ଡି ଏଲ ପକ୍ଷରୁ ବିଦ୍ୟୁତ ବ୍ୟବସ୍ଥା କରିଯିବ।

# ମୌସୁମୀ ଆସିବା ପରେ ମଧ୍ୟ ମରାମତି ହେଲାନି ବ୍ରାହ୍ମଣୀ ନଦୀ ବନ୍ଧ, ନଦୀ କୂଳିଆ ଆତଙ୍କିତ

ଧର୍ମଶାଳା,(ପି.ଏନ): ମୌସୁମୀ ସକ୍ରିୟ ହୋଇ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଉଛି। ରାଜ୍ୟରେ ଲଗାଣ ବର୍ଷା ଲାଗି ରହିବ। ଏଥି ସହ ନଦୀରେ ବନ୍ୟା ଜଳ ପ୍ରବେଶ କଲାଣି। ଦୃବଳ ନଦୀ ବନ୍ଧକୁ ମରାମତି ପାଇଁ ଜଳସମ୍ପଦ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲେ ମଧ୍ୟ ନଦୀ ବନ୍ଧ ମରାମତି ହୋଇପାରିଲା ନାହିଁ । ବିଗତ ବର୍ଷ ବନ୍ୟାରେ ପୀଡିତଙ୍କ ଆଖିରୁ ଲୁହ ଶୁଖି ନ ଥିବା ବେଳେ ପୁଣି ଆଗକୁ ଆସିବ ବନ୍ୟା । ଯାହାକୁ ନେଇ ନଦୀ କୂଳିଆ ଲୋକେ ଆତଙ୍କିତ ହୋଇପଡିଲେଣି। ଏଭଳି ଦୃବଳ ନଦୀ ବନ୍ଧ ଦେଖିବାକୁ ମିଳିଛି ଯାଜପୁର ଜିଲା ଜାରକା ଜଳସମ୍ପଦ ବିଭାଗ ଅଧିନରେ ଥିବା ଦେଓଦା, ମଙ୍ଗଳପୁର ଓ ବ୍ରହ୍ମବରଦା ଅଂଚଳରେ। ଏହି ଅଂଚଳରେ ବ୍ରାହ୍ମଣୀ ଓ ତାର ଶାଖା କେଲୁଅ ନଦୀ ବନ୍ଧ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି ହେଲେ ମରାମତିର ନାଁ ଧରୁ ନାହିଁ ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅଗଷ୍ଟ ମାସ ୨୦୨୦ ମସିହାରେ ବିଭିନ୍ନ ସ୍ଥାନରେ ନଦୀ ବନ୍ଧ ଭାଙ୍ଗି ଯାଇ ଜଳମଗ୍ନ ହେବା ସହ ସାଧାରଣ ଲୋକଙ୍କ ନିଦ ହଜାଇ ଦେଇଥିଲା । ହେଲେ ପ୍ରଶାସନ ଚେତିବାତ ଦୂରର କଥା ଏହି ଅଂଚଳ ପ୍ରତି ବୈମାତୃକ ମନୋଭାବ ଯୋଗୁଁ ଆଗାମୀ ଦିନରେ ଉଚିତ ଜବାବ ଦିଆଯିବ ବୋଲି ନଦୀ କୂଳିଆ ଲୋକେ ପ୍ରକାଶ କରିଛନ୍ତି। ଜାରକା ଜଳସେଚନ ବିଭାଗ ଅଧିନରେ ଥିବା ବ୍ରାହ୍ମଣୀ ନଦୀ ବନ୍ଧ ଦେଓଦା, ମଙ୍ଗଳପୁର, ଝାଲପଡା ନଦୀ ବନ୍ଧ ରାସ୍ତା ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ସ୍ଥାନୀୟ ଲୋକେ ଦୈନନ୍ଦିନ ବିପଦର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଯାଜପୁର ବ୍ଲକ ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଝାଲପଡା-କାକୁଡିକୁଦ ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି । ଲୋକେ ସାଇକେଲ ଓ ବାଇକ୍ ଗଡାଇ ଗଡାଇ ନେଉଥିବା ବେଳେ ପଥଚାରୀ କାଦୁଅ ପଚପଚ ରାସ୍ତାରେ ଗୋଡ ଖସିଯିବା ଯୋଗୁଁ ବିପଦରେ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେହିପରି ଦେଓଦା ଓ ମଙ୍ଗଳପୁର ପଂଚାୟତର ନଦୀ ବନ୍ଧ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି । ବଡ ବଡ ଖାଲ ଖମା ହୋଇ ଏବେ ଏହି ନଦୀ ବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି ।ଏହି ରାସ୍ତା ଖାଲଖମାରେ ଭର୍ତି ହୋଇଛି । ପ୍ରତିଦିନ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟୁଛି । ସମାନ୍ୟ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମୁଛି । ଏହି ରାସ୍ତା ଖଣ୍ଡାସଠାରୁ ଝାଲପଡା,ସାନବାଗସାହି, ରୁଦ୍ରପୁର, ମେଣ୍ଢ, ମାଳିସାହି, କାକୁଡିକୁଦ, ନୀଳକଣ୍ଠପୁର, ସୁଜନପୁର , ଦେଓଦା ଓ ମଙ୍ଗଳପୁର ପଂଚାୟତର ଦେଓଦା,ସେରପୁର,କୋଠିଡିହ,ଚାନ୍ଦପୁର ଓ ମହେଶ୍ୱରପୁର ପ୍ରମୁଖ ଗାଁ ଏବେ ବନ୍ୟା ମୁହଁରେ । ବିଭିନ୍ନ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବାରୁ ଏହି ନଦୀ ବନ୍ଧ ରାସ୍ତାରେ ପ୍ରତ୍ୟେକ ଦିନ ଶହଶହ ଗାଡି ମଟର ସହିତ ବିଭିନ୍ନ ଅଂଚଳର ଶହସ୍ରାଧିକ ଲୋକେ ବ୍ରହ୍ମବରଦା ବଜାର,ସ୍କୁଲ, କଲେଜ, ମେଡିକାଲ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଯାଇଥାନ୍ତି । ଅନ୍ୟ ପକ୍ଷେ ବନ୍ଧଡିହସ୍ଥ ମେଣ୍ଢ-ବ୍ରହ୍ମବରଦା ନଦୀ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଏହି ରାସ୍ତା ମରାମତି କାର୍ଯ୍ୟ ଚାଲି ମଧ୍ୟ ଶୋଚନୀୟ ହୋଇ ପଡିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଯାହାକୁ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉ ନାହାନ୍ତି । ଫଳରେ ଏହି ବନ୍ଧର ସ୍ଥାୟିତ୍ୱକୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ହେଲେ ଏବେ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ସେମାନେ କିଛି ଶୁଣୁ ନ ଥବାରୁ ଗ୍ରାମବାସୀ ଏବେ ପ୍ରଶାସନ ଉପରେ ଭରସା ତୁଟାଇ ସାରିଲେଣି ବୋଲି ସେମାନଙ୍କ ପ୍ରତିକ୍ରୀୟାରେ ମତ ପ୍ରକାଶ କରିଛନ୍ତି ।

# ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ସେବା ନିବୃତ କାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତସ୍ଥ ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ମିଶ୍ରଙ୍କ ଉଦ୍ଦେଶ୍ୟରେ ଏକ ସେବା ନିବୃତ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଂଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ରସୁଲପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ନିଳାମ୍ବର ମିଶ୍ର,ମୁଖ୍ୟବକ୍ତା ଭାବେ ଖଣ୍ଡିତର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଯାଜପୁର ଜିଲା ଓଷ୍ଟା ସଭାପତି ସୁନନ୍ଦ କୁମାର ରାଉତ,ସମ୍ମାନୀତ ଅତିଥିଭବେ ଦିପାଚଂଳ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନଶିକ୍ଷକ ଅମୂଲ୍ୟ ଦାସ,ବନ୍ଧଡିହ କ୍ଲଷ୍ଟର ସିଆରସିସି ଶ୍ରୀବତ୍ସବ ସାହୁ,୩୬ ନଂ ଜୋନ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ,ବ୍ରହ୍ମବରଦା ସରପଂଚ ମମତାଶୁଭଦର୍ଶିନୀ ଦେଓ,ସମିତିସଭ୍ୟା ରୁସାନା ପରୱିନ,ପାରିକଇଁଚି କ୍ଲଷ୍ଟର ସିଆରସିସି ବିଜୟ କୁମାର ଷଡଙ୍ଗୀ,ବିଦ୍ୟାଳୟ ପରିଚାଳନା କମିଟିର ଶରତ ଚନ୍ଦ୍ର ପାଣ୍ଡେ ପ୍ରମୁଖ ଯୋଗ ଦେଇ ଅବସର ନେଇ ଥିବା ପ୍ରଧାଶିକ୍ଷକଙ୍କ ବିଦ୍ୟାଳୟ ପ୍ରତି ଥିବା ଆନୁଗତ୍ୟ,ଛାତ୍ର ବତ୍ସଳତା ଓ ଶିକ୍ଷାଦାନରେ ବିଗତ ଦିନର ଅବଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଆଲାଉଦ୍ଦିନ ଖାଁନ,ଯୁବନେତା ପ୍ରଦିପ ଦାସ,ବନ୍ଧଡିହ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣାଞ୍ଜଳୀ ଆଚାର୍ଯ୍ୟ,ନିଆଳି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ,କଳଣ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରମୁଖ ଯୋଗ ଦେଇ ଶିକ୍ଷକଶିକ୍ଷୟିତ୍ରୀଙ୍କର ଗର୍ବ ହେଉଛନ୍ତି ଛାତ୍ରଛାତ୍ରୀ । ପିଲାଙ୍କୁ ଇର୍ଷା କରୁ ନଥିବା ବ୍ୟକ୍ତି ହେଉଛନ୍ତି ଶିକ୍ଷକ ସମାଜ ବୋଲି ନିଜ ନିଜ ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ । ଅମୂଲ୍ୟ ରାଉତ,ଯୁବନେତା ରାକେଶ ଦେଓ,ପ୍ରାକ୍ତନଶିକ୍ଷାବିତ୍ ପଂଚାନନ ରାଉତ,ନିମାଇଁ ଚରଣ ଦାସଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ଓ ଗ୍ରାମ ମୁରବୀ ଉପସ୍ଥିତ ରହିଥିଲେ । ଏହି ଅବସରରେ ଅଲ ଓଡିଶା ହବିବେ ମିଲ୍ଲତ୍ ସୋସିଆଲ ଟ୍ରଷ୍ଟ ଚାନ୍ଦପୁର,ବନ୍ଧଡିହ କ୍ଲଷ୍ଟର,ବ୍ରହ୍ମବରଦା ସରକାରୀ ଉଚ୍ଚ ବିଦ୍ୟାଳୟ,ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରୀ ମିଶ୍ରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷୟିତ୍ରୀ ଶୁଭଶ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀମାନଙ୍କ ପକ୍ଷରୁ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଶେଷରେ ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମାନସ ରଂଜନ ମଲ୍ଲିକ,ମିତ୍ରଭାନୁ ନାୟକ,ସ୍ୱସ୍ତିକା ନାୟକ, ମଧୁସ୍ମିତା ଦାସ,ମମତା ମହାଳିକ,ସୀମନ୍ତିନୀ ଜେନା,ଶକ୍ତଶ୍ରୀ ପ୍ରିୟଭାଜନ,ଉମେଦ ହୋସେନ,ଏଫଆର ଖାଁନ,ସମୀର ପରିଡା,ସନ୍ତୋଷ କୁମାର ପାଢୀ,କେଦାର ରାଉତ ଓ ବିଶ୍ୱବନ୍ଧୁ ଗିରି ପ୍ରମୁଖ ସହଯୋଗ କରିଥିଲେ ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଧିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବ୍ରିଟନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଧିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇନ୍ତରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋରଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରିକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଢଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲାପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଛକ୍ଲଙ୍କକ୍ଟଶ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ

ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।



# ମୋ ଓଡ଼ିଶା

## ପ୍ରଚାରରେ ସୀମିତ ବସ୍ତିର ବିକାଶ, ବାସ୍ତବ ଚିତ୍ର କିନ୍ତୁ ଭିନ୍ନ



ରାଉରକେଲା (ପିଏନ୍): ବସ୍ତିରେ ପାଇପ୍ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୀର୍ଘଦିନ ହେଲା ପାଇପ୍ ବିଛାଯାଇଛି । ମାତ୍ର କେଉଁଠି ପାଣି ଆସୁଛି ତ ଆଉ କେଉଁଠି ପାଣି ଆଦୌ ଆସୁନାହିଁ । ଯେଉଁଠାରେ ପାଣି ଆସୁଛି ସେଠାରେ କେବେ ୨୦/୨୫ ମିନିଟ୍ ପାଇଁ ଆସୁଛି ତ ଆଉ କେବେ ୫/୧୦ ମିନିଟ୍ ପାଇଁ ଆସୁଛି । ପାଇପ୍ ଜଳ ଯୋଗାଣରେ ଏଭଳି ଅବ୍ୟବସ୍ଥା ରାଉରକେଲା ମହାନଗର ନିଗମ ଅ'ର୍ଗତ ୧୧ ନମ୍ବର ୱାର୍ଡର ମଧୁସୂଦନପାଲ୍ଲୀ, ବିବେକାନନ୍ଦ ବସ୍ତି ଓ ଫିଲ୍‌ଟର ହାଉସ୍ ବସ୍ତିରେ ଲାଗି ରହିଛି ବୋଲି କଂଗ୍ରେସର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଅଭିଯୋଗ କରିଛନ୍ତି । ଶ୍ରୀ ସେନାପତି ଉକ୍ତ ଅଞ୍ଚଳ ପରିକ୍ରମା ସମୟରେ ବସ୍ତିବାସିନ୍ଦାମାନଙ୍କୁ ସାକ୍ଷାତ କରି ବସ୍ତିର ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ତେବେ ଜଳ ଯୋଗାଣରେ ଅବ୍ୟବସ୍ଥା ନେଇ ସମ୍ପୃକ୍ତ ବସ୍ତିର ବାସିନ୍ଦାମାନେ ତୀବ୍ର ଅସ'ୋଷ ପ୍ରକାଶ କରିଥିବା ବେଳେ ମହାନଗର ନିଗମ ତରଫରୁ ନାଳିଗୁଡିକ ନିୟମିତ ବ୍ୟବଧାନରେ ସଫା ହେଉନଥିବାରୁ ବସ୍ତିରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି ବୋଲି କହିଥିଲେ । ବିବେକାନନ୍ଦ ବସ୍ତିରେ ମହାନଗର ନିଗମ ତରଫରୁ କରାଯାଇଥିବା ଗୋଷ୍ଠୀ ଶୌଚାଳୟ ସଠିକ୍ ଭାବରେ ରକ୍ଷଣାବେକ୍ଷଣ ଓ ସଫେଇ ହେଉନଥିବାରୁ ଉକ୍ତ ଅଞ୍ଚଳରେ ପ୍ରବଳ ଦୁର୍ଗନ୍ଧ ସୃଷ୍ଟି ସହ ପରିବେଶକୁ ପ୍ରଦୂଷିତ କରୁଛି । ଏହି ଶୌଚାଳୟ ନିକଟରେ ଅବସ୍ଥିତ ଅଙ୍ଗନବାଡି କେନ୍ଦ୍ରର ଶିଶୁମାନେ ଏହି ଦୁର୍ଗନ୍ଧ ଦ୍ୱାରା ବିଶେଷ ପ୍ରଭାବିତ ହେଉଛ଼ି । ଅଙ୍ଗନବାଡି କେନ୍ଦ୍ର ଗୃହର ମଧ୍ୟ ଆବଶ୍ୟକୀୟ ମରାମତି ହେଉନଥିବାରୁ ଏହାର ଚଟାଣ ସବୁ ଭାଙ୍ଗିରୁଜି ଯାଇଥିବା ଦେଖିବାକୁ ମିଳୁଛି । ଶୌଚାଳୟ ନିକଟରେ ନିର୍ମିତ ସୁବିଧା କେନ୍ଦ୍ର ଏହି ଦୁର୍ଗନ୍ଧ ଯୋଗୁ ବ୍ୟବହାର ହୋଇପାରୁ ନାହିଁ । ବିବେକାନନ୍ଦ ବସ୍ତିରେ ନିର୍ମିତ ନାଳି ମଧ୍ୟ ଠିକ୍ ଭାବେ ସଫା କରାଯାଉନଥିବା ବେଳେ ନାଳି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ । ସେହିପରି ଫିଲ୍‌ଟର ହାଉସ୍ ବସ୍ତିରେ ମଧ୍ୟ କଂକ୍ରିଟ୍ ନାଳି ନିର୍ମାଣର ଆବଶ୍ୟକତା ଥିବାବେଳେ ମଧୁସୂଦନପାଲ୍ଲୀର ମୁଖ୍ୟରାସ୍ତାର ଗୋଟିଏ ପାର୍ଶ୍ୱରେ କଂକ୍ରିଟ୍ ନାଳି ନିର୍ମାଣ କରାଯାଇ ଅପରପାର୍ଶ୍ୱରେ ନାଳି ନିର୍ମାଣ ନ କରି ଛାଡି ଦିଆଯାଇଛି । ମଧୁସୂଦନପାଲ୍ଲୀର ଗଙ୍ଗାରାମ ବସ୍ତିରେ ଏକ ଗୋଷ୍ଠୀ ଶୌଚାଳୟ ନଥିବା ଏବଂ ବସ୍ତିର ଗରିବ ଶ୍ରେଣୀର ବାସିନ୍ଦାମାନେ ସ୍ୱଚ୍ଛ ଭାରତ ଅଭିଯାନ ଅ'ର୍ଗତ କାର୍ଯ୍ୟକ୍ରମରେ ବ୍ୟକ୍ତି ପାଇଖାନା ପାଇବାକୁ ସମର୍ଥ ହୋଇନଥିବାରୁ ଖୋଲା ପଡିଆରେ ଶୌଚ କରିବାକୁ ବାଧ୍ୟ ହେଉଛ଼ି । ଅନୁରୂପ ଭାବେ ଉପରୋକ୍ତ ବସ୍ତି ଅଞ୍ଚଳରେ ଅନେକ ବୃଦ୍ଧବୃଦ୍ଧା ଏ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ପାଇନଥିବା ବେଳେ ଯେଉଁମାନେ ଭତ୍ତା ପାଉଥିଲେ ସେମାନଙ୍କ ମଧ୍ୟରୁ କେତେକଙ୍କର ଭତ୍ତା ବନ୍ଦ ହୋଇଯାଇଥିବା ପ୍ରକାଶ କରିଥିଲେ । ଅନୁରୂପ ଭାବେ ରାସନ କାର୍ଡ ମଧ୍ୟ ଅନେକ ଯୋଗ୍ୟ ବିବେଚିତ ଗରିବ ଲୋକ ପାଇନଥିବା ବେଳେ ଯେଉଁମାନେ ରାସନ କାର୍ଡ ପାଇଛନ୍ତି ସେମାନଙ୍କର କାର୍ଡ ମଧ୍ୟ ବିଭିନ୍ନ ସମୟରେ ଅଚଳ ହେବା ସହିତ କାର୍ଡରୁ ସଦସ୍ୟଙ୍କ ସଂଖ୍ୟା କଟି ଯାଇଥିବା ଅଭିଯୋଗ କରିଥିଲେ । ତେବେ ଉପରୋକ୍ତ ସମସ୍ୟାଗୁଡିକ ସମ୍ପର୍କରେ ଶ୍ରୀ ସେନାପତି ବସ୍ତିବାସୀଙ୍କ ଠାରୁ ଅବଗତ ହୋଇ ଏସବୁକୁ ବିଭାଗୀୟ ଅଧିକାରୀ ନିକଟରେ ଉପସ୍ଥାପନ କରିବେ ବୋଲି କହିଥିଲେ । ମହାନଗର ନିଗମ କର୍ତ୍ତୃପକ୍ଷ, ରାଜ୍ୟ ସରକାର ତଥା ସ୍ଥାନୀୟ ଶାସକ ଦଳର ନିର୍ବାଚିତ ଜନପ୍ରତିନିଧି ବସ୍ତି ବିକାଶକୁ ନେଇ ବଡ ବଡ ପ୍ରଚାର କରୁଥିଲେ ହେଁ ବାସ୍ତବ ଚିତ୍ର ଉପରୋକ୍ତ ବସ୍ତିଗୁଡିକୁ ଦେଖିଲେ ସ୍ପଷ୍ଟ ବୁଝାପଡୁଛି ବୋଲି ଶ୍ରୀ ସେନାପତି କହିଛ଼ି । ଏହି ପରିକ୍ରମା କାର୍ଯ୍ୟକ୍ରମରେ ପିସିସି ସଭ୍ୟ ସବୀର ହୁସେନ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ସମ୍ପୃକ୍ତ ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ମୋତିଲାଲ ସାହୁ, ଏସ୍.ଏନ୍. କ୍ରିଷ୍ଣା, ଯୁବନେତା ଅନୀଲ ଦାସ, ସେକ୍ ସମିର, ଋଷି ସାହୁ ପ୍ରମୁଖ ସାମିଲ୍ ହୋଇ ସମସ୍ତ ବସ୍ତି ଅଞ୍ଚଳ ବୁଲି ଦେଖିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ତରିଆ ପୋଖରୀ ପୁନରୁଦ୍ଧାର ଦୁର୍ନୀତିର ତଦନ୍ତ କରିବ ଭିଜିଲାନ୍ସ !

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ତରିଆ ଗାଁ ନିକଟରେ ଥିବା ଏକ ପୁରୁଣା ପୋଖରୀର ପୁନରୁଦ୍ଧାର କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବ ଭିଜିଲାନ୍ସ । ଏହି ଚର୍ଚ୍ଚିତ ଘୋଟାଲାର ଖୋଳତାଡ଼ କରୁଥିବା ଲୋକାୟୁକ୍ତଙ୍କ ନିଜସ୍ୱ ତଦନ୍ତକାରୀ ସଂସ୍ଥା ଏଠାରେ ଦୁର୍ନୀତିର ଗନ୍ଧ ବାରିବା ପରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗକୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଏକ ଅପରାଧିକ ମାମଲା ରୁଜୁ କରି ୨୦୨୩ ଫେବୃଆରୀ ୧୦ତାରିଖ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାପାଇଁ ଭିଜିଲାନ୍ସ ବିଭାଗକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଉଲ୍ଲେଖ ଯୋଗ୍ୟ, ୨୦୧୯/୨୦ ଆର୍ଥିକ ବର୍ଷରେ ଯାଜପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ତରିଆ ପଞ୍ଚାୟତ ନୂଆ ପୋଖରୀର ପୁନରୁଦ୍ଧାର ପାଇଁ ୨୪ ଲକ୍ଷ ୯୯ ହଜାର ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା । ସେହିପରି ଏହି ସମୟରେ ଧର୍ମଶାଳା ପଞ୍ଚାୟତ ସମିତି ପକ୍ଷରୁ ମଧ୍ୟ ତରିଆ ପଞ୍ଚାୟତ ନୂଆ ପୋଖରୀ ନାଁରେ ୩ ଲକ୍ଷ ୫୦ ହଜାର ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଥିଲା । ସମାନ ଆର୍ଥିକ ବର୍ଷରେ କ୍ଷୁଦ୍ର ଜଳସେଚନ ବିଭାଗ ଏହି କାମ ପାଇଁ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ୧୭ ଲକ୍ଷ ୬୫ ହଜାର ୪୪୨ ଟଙ୍କା ପୈଠ କରିଥିବା ବେଳେ ପଞ୍ଚାୟତ ସମିତି ପକ୍ଷରୁ ମଧ୍ୟ ୩ ଲକ୍ଷ ୪୬ ହଜାର ୫ଶହ ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡ଼ିଥିଲା । ଏଠାରେ ଏକ ବଡ଼ଧରଣର ଦୁର୍ନୀତି ହୋଇଥିବା ସନ୍ଦେହ କରି ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ । ଏଲ୍‌ୱାଇ-୭୧୯/୨୦୨୧ରେ ଏକ ମାମଲା ରୁଜୁ ହୋଇ ଅଭିଯୋଗର ତଦ' ଆରମ୍ଭ ହୋଇଥିଲା । ଲୋକାୟୁକ୍ତଙ୍କ ନିଜସ୍ୱ ତଦନ୍ତକାରୀ ଦଳ ଧର୍ମଶାଳା ବ୍ଲକ, ଯାଜପୁର କ୍ଷୁଦ୍ର ଜଳସେଚନ ଡିଭିଜନ କାର୍ଯ୍ୟାଳୟ ଓ ତରିଆ ନୂଆପୋଖରୀ ନିକଟକୁ ଯାଇ ତଦନ୍ତ କରିଥିଲା । ତଦନ୍ତରେ ଖାତା ନଂ-୨୨୫ ଓ ପ୍ଲଟ୍ ନଂ-୧୫୧୮ରେ ଥିବା ତରିଆ ପଞ୍ଚାୟତ ନୂଆ ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ଗୋଟିଏ ସମୟରେ ଦୁଇଟି ବିଭାଗ ପକ୍ଷରୁ ମୋଟ ୨୧ ଲକ୍ଷ ୧୧ହଜାର ୯୪୨ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଥିଲା । ଅନ୍ୟପକ୍ଷରେ ଏଠାରେ ପଂଚାୟତ ତରଫରୁ କିଛି କାମ ନହୋଇ ଟଙ୍କା ଉଠାଇ ନିଆଯାଇଥିବା ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି । କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ରହିଥିବା ଏହି ପୋଖରୀକୁ କେଉଁ ଉଦ୍ଦେଶ୍ୟରେ ପଂଚାୟତ ପକ୍ଷରୁ କାମ କରାଯାଇ ଟଙ୍କା ଉଠାଗଲା ଏହାକୁ ନେଇ ଅଭିଯୋଗକାରୀ ଶ୍ରୀ ବେହୁରା ପ୍ରଶ୍ନ ଉଠାଇଥିଲେ । ଏହି ଘୋଟାଲାରେ ଲୋକାୟୁକ୍ତ ତତ୍କାଳୀନ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ମହାନ୍ତି, କନିଷ୍ଠ ଯନ୍ତ୍ରୀ ବ୍ରହ୍ମାନନ୍ଦ ପଣ୍ଡା, ପିଇଓ ମହେଶ୍ୱର ମହାନ୍ତି ଓ ପୂର୍ବତନ ସରପଂଚ ସୁଶାନ୍ତ ସେଠୀଙ୍କୁ ଏହାର ଉତର ରଖିବାକୁ ନୋଟିସ୍ ଜାରି କରିଥିଲେ । ତେବେ ଏମାନେ ଦେଇଥିବା ସ୍ପଷ୍ଟୀକରଣ ସନ୍ତୋଷଜନକ ହୋଇନଥିଲା । ଏଠାରେ ଏକ ବଡ଼ଧରଣର ଘୋଟାଲା ହୋଇଥିବା ସ୍ପଷ୍ଟ ହେବାପରେ ଲୋକାୟୁକ୍ତ ଏହାର ତଦନ୍ତ ପାଇଁ ଭିଜିଲାନ୍ସ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଶ୍ରୀ ବେହୁରା ସୂଚନା ଦେଇଛନ୍ତି । ଭିଜିଲାନ୍ସ ତଦନ୍ତ ପରେ ଏହି ଘୋଟାଲାରେ ସଂପୃକ୍ତ ଅଧିକାରୀ ଓ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ନେଇ ଚର୍ଚ୍ଚା ଜୋର ଧରିଛି ।

## ସାନଖେମୁଣ୍ଡିରେ ଜାତୀୟ ପ୍ରେସ ଦିବସ ଧୁମଧାମରେ ପାଳିତ

ସାନଖେମୁଣ୍ଡି (ପିଏନ୍)-ନଭେମ୍ବର ୧୬ ଜାତୀୟ ଗଣମାଧ୍ୟମ ଦିବସ ପାଳନ ଅବସରରେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ଠାରେ ପ୍ରେସ କ୍ଲବ୍ ପକ୍ଷରୁ ଏକ ଆଲୋଚନା ଚକ୍ରର ଆୟୋଜନ ସହ ଆମନ୍ତ୍ରିତ ଅଞ୍ଚଳ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଏବଂ ବରିଷ୍ଠ ବୁଦ୍ଧିଜୀବୀଙ୍କ ମିଳିତ ସମାବେଶର ଆୟୋଜନ ହୋଇଥିଲା । ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଦାଶଙ୍କ ଆବାହକତ୍ୱରେ ଆୟୋଜିତ ଆଜିର ପ୍ରେସ ଦିବସର ଅନୁଚିନ୍ତା ଏବଂ ସାମ୍ବାଦିକଙ୍କ ସମସ୍ୟା ଓ ସାମାଜିକ ସୁରକ୍ଷାକୁ ନେଇ କରାଯାଇଥିବା ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ବର୍ଷୀୟାନ ସାମ୍ବାଦିକ, କ୍ଷୁଦ୍ର ଓ ମଧ୍ୟମ ବର୍ଗ ସମ୍ବାଦପତ୍ର ସଂଘ ସଭାପତି ତଥା ସାପ୍ତାହିକ ଓଡ଼ିଆ ସମ୍ବାଦପତ୍ର 'ନବୀନ' ର ସମ୍ପାଦକ ରବି ରଥ ପ୍ରଦୀପ ପ୍ରଜ୍ୱଳନ ଏବଂ ପୁଷ୍ପମାଲ୍ୟ ଅର୍ପଣ କରି ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ 'ପରିବର୍ତ୍ତନ' ଖବର କାଗଜ ସମ୍ପାଦକ ରମାକାନ୍ତ ପରିଜା ଏବଂ ଜଗତସିଂହପୁର ଜିଲ୍ଲାର ବିଶିଷ୍ଟ ସମାଜସେବୀ ଅଜୟ କୁମାର ଦାସ ଯୋଗଦେଇ ସାଂପ୍ରତିକ ସମୟର ଗଣତାନ୍ତ୍ରିକ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ବିକଳ ଚିତ୍ରରେ ପ୍ରତିନିଧିଙ୍କ ଭୂମିକାକୁ ନେଇ ନିଜ ନିଜ ଓଜସ୍ୱିନୀ ଅଭିବ୍ୟକ୍ତି ରଖିଥିଲେ । ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ ଲାଘବ କରିବାକୁ ଥିବା ଗଣମାଧ୍ୟମଗୁଡ଼ିକ ସମ୍ପ୍ରତି ସରକାରୀ ଭାଙ୍ଗ ସାଜୁଥିବା କାରଣରୁ ସମ୍ବାଦପତ୍ର କ୍ଷେତ୍ରକୁ ଶିଳ୍ପରେ ପରିଣତ କରି କର୍ପୋରେଟଙ୍କୁ ସ୍ୱାଗତ କରିବା ଆଗାମୀ ଦିନର ଗଣତାନ୍ତ୍ରିକ ସାମାଜିକ ବ୍ୟବସ୍ଥାରେ ବିକଟ ଚିତ୍ର ପ୍ରଦାନ କରିବା ନେଇ ନିଜ ନିଜର ମତବ୍ୟକ୍ତ କରିଥିଲେ । ପ୍ରଶାସନିକ ଓ ରାଜନୈତିକ ଦଳର ବ୍ୟକ୍ତିବିଶେଷଙ୍କ ମାଲିକାନାରେ ଥିବା ପ୍ରମୁଖ ସମ୍ବାଦପତ୍ର ନିଜର ସ୍ୱାର୍ଥ ହାସଲ ପାଇଁ ଗଣମାଧ୍ୟମକୁ ଉପଯୋଗ କରୁଥିବାରୁ ଚତୁର୍ଥ ସ୍ତମ୍ଭ କଳୁଷିତ ହେବା ସହ ସାମ୍ବାଦିକଙ୍କ ସମସ୍ୟା ଓ ସାମାଜିକ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅତଏବ ଏହି ସମସ୍ୟାର ସମାଧାନ ନେଇ ସଂଘୀୟ ବ୍ୟବସ୍ଥାର ବିକଳ୍ପ ରାସ୍ତା ଆପଣାଇବାକୁ ବର୍ଷୀୟାନ ସାମ୍ବାଦିକ ରବି ରଥ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆହ୍ୱାନ ଦେଇଥିଲେ । ସମାଜର ସର୍ବନିମ୍ନ ବର୍ଗଙ୍କଠାରେ ଥିବା ସମସ୍ୟାର ସମାଧାନ ଦିଗରେ ସାମ୍ବାଦିକଙ୍କ ଭୂମିକା ରହୁଥିବାରୁ କର୍ମଜୀବୀ ସାମ୍ବାଦିକ ହିସାବରେ ଏହି ବର୍ଗଙ୍କ ହିତରେ ସର୍ବଦା କାମ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ । ଅନ୍ୟ କ୍ରମରେ ପ୍ରେସ କ୍ଲବ ଦ୍ୱାରା ଆହୂତ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ତଥା ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଅଞ୍ଚଳ ବୁଦ୍ଧିଜୀବୀ ଜନପ୍ରତିନିଧିଙ୍କ ମିଳିତ ସମାବେଶରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବ୍ଲକ ଅଧକ୍ଷ ସିମାଞ୍ଚଳ ପାତ୍ର ପୌରୋହିତ୍ୟ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗାୟତ୍ରୀ ଦତ୍ତ ନାୟକ, ତହସିଲଦାର ଡଃ ଶ୍ରୀନିବାସ ବେହେରା, ମୁଖ୍ୟ ବକ୍ତା ଭାବେ ପାଟପୁର ଥାନା ଭରପ୍ରାପ୍ତ ଅଧିକାରୀ ସବ୍ୟସାଚୀ ମଲ୍ଲ ମଞ୍ଚାସୀନ ରହି ଉପସ୍ଥିତ ବୁଦ୍ଧିଜୀବୀ ଜନ ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ସମନ୍ୱୟକୁ ଗୁରୁତ୍ୱାରୋପ କରିଥିଲେ । ପ୍ରଶାସନ ସହ ଜନପ୍ରତିନିଧିଙ୍କ ମୌଳିକ ସମସ୍ୟାର ସମାଧାନ କ୍ଷେତ୍ରରେ ଗଣମାଧ୍ୟମର ସମୟ ଉପଯୋଗୀ ଖବର ପ୍ରସାରଣ ଗୁରୁତ୍ୱ ରଖିଥିବାରୁ ପ୍ରକୃଷ୍ଟ ତଥ୍ୟ ଭିତ୍ତିକ ଖବର ପ୍ରସାରଣର ମହତ୍ତ୍ୱକୁ ଅବତାରଣା କରିଥିଲେ । ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ଲୋକକଳା କଳାକାର ସଂଘ ସଭାପତି ତଥା ବରିଷ୍ଠ ଲୋକକଳା କଳାକାର ସନ୍ତୋଷ କୁମାର ପାଢ଼ୀ ନିଜ ବକ୍ତବ୍ୟରେ ପ୍ରେସ କ୍ଲବ ସଦସ୍ୟଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ମହତ ଉଦ୍ଦେଶ୍ୟକୁ ନେଇ ସାଧୁବାଦ ପ୍ରଦାନ କରିଥିଲେ । ଉପାଧ୍ୟକ୍ଷ ପ୍ରତିନିଧି ସଞ୍ଜୟ କୁମାର ନାହାକ, ଜିଲ୍ଲା ପରିଷଦ ସଭ୍ୟ ବିଜୟ ପ୍ରଧାନ, ଅମିନ ପ୍ରଧାନ, ଶଙ୍କର୍ଷଣ ସ୍ୱାଇଁ, ରାଜୀବ ପାତ୍ର ପ୍ରମୁଖଙ୍କ ସହ ବହୁ ସରପଞ୍ଚ , ସମିତି ସଭ୍ୟଙ୍କ ସହ ଶତାଧିକ ଅଞ୍ଚଳ ବୁଦ୍ଧିଜୀବୀ ଉପସ୍ଥିତ ରହି ଆୟୋଜିତ ଆଜିର କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ପ୍ରେସ କ୍ଲବ ସାନଖେମୁଣ୍ଡି ପକ୍ଷରୁ ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ପଦ୍ମଲୋଚନ ପାଣିଗ୍ରାହୀ, ବିଜୟ କୁମାର ପ୍ରଧାନ, ପ୍ରଫୁଲ୍ଲ ସାବତ, ଅଶୋକ କୁମାର ସାହୁ, ଆରତ କୁମାର ହୋତା, ଶିବ ଶଙ୍କର ସ୍ୱାଇଁ, ରଘୁନାଥ ନାୟକ ପ୍ରମୁଖ ଅଂଶଗ୍ରହଣ ସହ ପରିଚାଳନା କରିଥିଲେ ।

## ନୌବାଣିଜ୍ୟର ସ୍ୱତନ୍ତ୍ର ସ୍ୱାକ୍ଷର ବହନ କରେ କେନ୍ଦ୍ରାପଡା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବର ଚତୁର୍ଥ ସାଂସ୍କୃତିକ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ଉପଜିଲ୍ଲାପାଳ ନିରଞ୍ଜନ ବେହେରା ଯୋଗଦେଇ କହିଥିଲେ ଯେ ନୌବାଣିଜ୍ୟର ସ୍ୱତନ୍ତ୍ର ସ୍ୱାକ୍ଷର ବହନ କରେ କେନ୍ଦ୍ରାପଡା । ନୌବାଣିଜ୍ୟର ପରମ୍ପରା ହୁକିଟୋଲା ଲାଇଟ ହାଉସ ଜାଗ୍ରତ ସ୍ୱାକ୍ଷର ଭାବରେ ବର୍ଷ ବର୍ଷ ଧରି ରହିଆସିଛି । କେନ୍ଦ୍ରାପଡା ବାଲିଯାତ୍ରା ଭବିଷ୍ୟତର ପ୍ରତିଭାଧରମାନଙ୍କୁ ଉନ୍ମୋଚନ କରିବାରେ ସହାୟକ ହେବ । କମିଟି ସଂପାଦକ ତଥା ସରକାରୀ ଓକିଲ ସଂଜୟ କୁମାର ଜେନା ଜିଲ୍ଲା ପ୍ରଶାସନର ଅକୁଣ୍ଠିତ ସାହାଯ୍ୟ ଓ ସହଯୋଗ ପାଇଁ କୃତଜ୍ଞତା ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାକାଳପଡା ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର ଯୋଗଦେଇ ବାଲିଯାତ୍ରାର ସଫଳତା କାମନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ପତ୍ରିକା ସଂପାଦକ ଶୁଭ୍ରାଂଶୁ କୁମାର ଦାସ, କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ, ଉପସଭାପତି ଧିରେନ୍ଦ୍ର କୁମାର ଦାସ, ସହ ସଂପାଦକ କିଶୋର ଚନ୍ଦ୍ର ପ୍ରଧାନ, ଶ୍ରୀଧର ମହାନ୍ତି, ସତ୍ୟବ୍ରତ ସିଂ, କବି କରୁଣାକର ଦାସ, ଅକ୍ଷୟପ୍ରିୟ ଦାସ, ଗଗନ ବିହାରୀ ଜେନା, ଟୁଟୁ ଗେରୁ, ଗବେଷକ ନିରଞ୍ଜନ ମେକାପ, ରମଣୀରଞ୍ଜନ ରାଉତରାୟ, ବିକ୍ରମ କେଶରୀ ରାଉତରାୟ, ରାଜୁ କୁବେର, ଶ୍ରୀଧର ଭୋଳ, ପ୍ରଦୀପ ବିହାରୀ, ସେକ ମତୁ, ସେକ ଅଜିମୁଦ୍ଦିନ, ପଂଚାନନ ଦାସ, ମହେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ । ଗୋକୁଳଚନ୍ଦ୍ର ସଙ୍ଗୀତ ସଦନ ପକ୍ଷରୁ ନୃତ୍ୟ, ମା ଚିଲିକାରାଣୀ ପାଇକ ଆଖଡା, ଖୋର୍ଦ୍ଧା ସମେତ ମେଲୋଡି ପ୍ରଭୃତି କାର୍ଯ୍ୟକ୍ରମରେ ପ୍ରକମ୍ପିତ୍ ହୋଇ ଉଠିଥିଲା ବାଲିଯାତ୍ରା ପଡିଆ । ମହୋତ୍ସବରେ ଜନସାମଗମକୁ ଲକ୍ଷ୍ୟ ରଖି ଶାନ୍ତି, ଶୃଙ୍ଖଳା ରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

## ଜିଲ୍ଲା କଂଗ୍ରେସ ତରଫରୁ ମୌଲାନା ଆଜାଦଙ୍କ ଜୟନ୍ତୀ ପାଳିତ



ରାଉରକେଲା (ପିଏନ୍): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କଂଗ୍ରେସର ପୂର୍ବତନ ସଭାପତି ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ଭାରତରତ୍ନ ମୌଲାନା ଆବୁଲ କାଲାମ ଆଜାଦଙ୍କ ଜନ୍ମ ଜୟନ୍ତୀ ଗତ ୧୧ ତାରିଖରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ପାଳିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ମୌଲାନାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ପିସିସି ସଭ୍ୟ ବିରେନ ସେନାପତି ବକ୍ତବ୍ୟ ରଖି ମୌଲାନା ଆଜାଦଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମୌଲାନା ଆଜାଦ ସ୍ୱାଧୀନ ଭାରତର ନାଗରିକମାନେ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ସେମାନଙ୍କ ମୌଳିକ ଶିକ୍ଷାର ଜରୁରୀ ଆବଶ୍ୟକତାକୁ ଉପଲବ୍ଧି କରିଥିଲେ । ତେଣୁ ସେଥିପାଇଁ ମୌଳିକ ପ୍ରାଥମିକ ଶିକ୍ଷାକୁ ଦେଶବାସୀଙ୍କୁ ନିଶୁଳ୍କରେ ଯୋଗାଇ ଦେବା ପାଇଁ ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ଭାବେ ମୌଲାନା ଆଜାଦ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ ବୋଲି ଶ୍ରୀ ସେନାପତି ପ୍ରକାଶ କରି ଶିକ୍ଷାରୁ ବଞ୍ଚିତ ଥିବା ଦେଶର ନାଗରିକଙ୍କୁ ଶିକ୍ଷିତ କରାଇବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଗଲେ ତାହା ମୌଲାନାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭ୍ୟ ସବୀର ହୁସେନ ଓ ପ୍ରଭାତୀ ମିଶ୍ର, ତୁଳସୀ ନାଗ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଓବିସି ରାଷ୍ଟ୍ରୀୟ ସଂଯୋଜକ କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ଜିଲ୍ଲା କଂଗ୍ରେସର ଭାସ୍କର ଖିଲ୍ଲାର, ବନମାଳୀ ବିଶୋୟୀ, ଦିଲ୍ଲୀପ ଜେନା, ରୁକସାନା ବେଗମ, ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, ବସ' ମହାଳିକ, ଶିବ ଚରଣ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ରେହେମାନ ଖାନ, ସଂଖ୍ୟାଲଘୁ ଅଧ୍ୟକ୍ଷ ଇଜାଜ ଅଖତର ପ୍ରମୁଖ ଏହି ଅବସରରେ ମୌଲାନାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବେଳେ ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଧର୍ମଶାଳା ପୁସ୍ତକ ମେଳା ଉଦ୍‌ଯାପିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ସାଧାରଣତନ୍ତ୍ର ପାଳନ କମିଟି ପକ୍ଷରୁ ଧର୍ମଶାଳା ବାଣୀପୀଠ ଖେଳ ପଡ଼ିଆରେ ଚାଲିଥିବା ପଂଚମ ଧର୍ମଶାଳା ପୁସ୍ତକ ମେଳା ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯାଜପୁର ରୋଡ୍ ଏସ୍‌ଡ଼ିପିଓ ସଂଜୟ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଅକ୍ଷୟ କୁମାର ମହାନ୍ତି ମୁଖ୍ୟବକ୍ତା, କଟକର ସହକାରୀ ଆରକ୍ଷୀ କମିଶନର ଅମିତାଭ ମହାପାତ୍ର ଓ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷିତ ଯୁବକମାନେ ପୁସ୍ତକ ପଠନ ଓ ସାହିତ୍ୟ ପାଖରୁ ଦୂରେଇ ଯାଉଛନ୍ତି । ଯାହା ସମାଜ ପାଇଁ କ୍ଷତିକାରକ । ପାଠ୍ୟପୁସ୍ତକ ସହିତ ମନଛୁଆଁ ପୁସ୍ତକ ଦିଆଗଲେ ପିଲାମାନଙ୍କ ପଠନ ଅଭ୍ୟାସ ବୃଦ୍ଧିହେବ ବୋଲି ଅତିଥିମାନେ କହିଥିଲେ । ଗାଳ୍ପିକ ଅର୍ଜୁନ ପୃଷ୍ଟି ଅତିଥି ପରିଚୟ, ସମ୍ପାଦକ ରାକେଶ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ, ଅଧ୍ୟାପକ ନିଗମାନନ୍ଦ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ ଓ ଶିକ୍ଷକ ମନୋଜ କୁମାର ରଣା ପ୍ରାରମ୍ଭିକ ସୂଚନା ଦେଇଥିଲେ । ପଣ୍ଡିତ ବ୍ରଜକିଶୋର ଦାଶ, ବିବେକାନନ୍ଦ ନାୟକ, କସ୍ତୁରୀ ଚରଣ ଜେନା, ସବ୍ୟସାଚୀ ବେହେରା, ଇନ୍ଦ୍ରମଣି ମହାନ୍ତି, ପ୍ରମୋଦ ସାମଲ, କୈଳାସ ମଲିକ, ମୁନା ଖାଁ ଓ ମଦନ ମୋହନ ନାୟକ ପରିଚାଳନାରେ ସହଯୋଗ କରିଥିଲେ । ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା ) ବୈଠକ ଅନୁଷ୍ଠିତ

ବଲାଙ୍ଗିର, (ପି.ଏନ): ସକାଳେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା) ର ବୈଠକ କମିଟିର ଅଧ୍ୟକ୍ଷା ତଥା ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ଜିଲ୍ଲାପାଳ ଚଂଚଳ ରାଣା, ବିଭିନ୍ନ ପଂଚାୟତ ସମିତିର ଅଧ୍ୟକ୍ଷ ଅଧ୍ୟକ୍ଷା, ଦିଶା କମିଟିର ମନୋନୀତ ସଦସ୍ୟ ସଦସ୍ୟାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାପାଳ ଚଂଚଳ ରାଣା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ ଆଲୋଚ୍ୟ ବିଷୟ ଉପସ୍ଥାପନା କରିଥିଲେ । ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ସମୃଦ୍ଧି ସକାଶେ ବିଭାଗୀୟ ଅଧିକାରୀ ମାନେ ଉତମ ସମନ୍ୱୟ ରଖି ଦାୟିତ୍ୱ ଓ କର୍ତବ୍ୟ ସମ୍ପାଦନ କରିବା ସହ ଯୋଜନା ଗୁଡିକ ଯେପରି ତୃଣମୂଳ ସ୍ତରରେ ପହଂଚିପାରିବ ସେଥିପ୍ରତି ଯତ୍ନବାନ ହେବାକୁ ଅଧ୍ୟକ୍ଷା ଶ୍ରୀମତୀ ସିଂହଦେଓ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ସେ ସମୀକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା ଗୁଡିକର ସ୍ଥିତି ସମ୍ପର୍କରେ ସମୀକ୍ଷା କରି ଅସମ୍ପୂର୍ଣ୍ଣ ରାସ୍ତା ଗୁଡିକର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସଂପୂର୍ଣ୍ଣ କରିବା ଏବଂ ଧାର୍ଯ୍ୟ ମାନଦଣ୍ଡକୁ ବଜାୟ ରଖି ଗୁଣବତାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ରାସ୍ତାକାମ ନିମ୍ନ ମାନର ହୋଇଥିବା ଅଭିଯୋଗ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ଏହାର ଗୁଣବତା ଉପରେ ସ୍ୱତନ୍ତ୍ର ଯାଂଚ୍ କରାଯିବା ନିମନ୍ତେ ବଲାଙ୍ଗିର ବିଧାୟକ ଶ୍ରୀ ମିଶ୍ର କମିଟିର ଅଧ୍ୟକ୍ଷାଙ୍କୁ ଅବଗତ କରିଥିଲେ । ସରକାରଙ୍କ ବିଭିନ୍ନ ଯୋଜନାର ରୂପରେଖ ଓ କାର୍ଯ୍ୟକାରିତା ଏବଂ ହିତାଧିକାରୀ ମାନେ ପାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଏକ ସୂଚନା ପତ୍ର ପ୍ରସ୍ତୁତ କରି ସମସ୍ତ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଅବଗତ କରିବାକୁ କମିଟିର ଅଧ୍ୟକ୍ଷା ଶ୍ରୀମତୀ ସିଂହଦେଓ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅମୃତ ଯୋଜନାରେ ଅନ୍ତର୍ଗତ ମହାରାଣୀ ସାଗର ଏବଂ ଶିବ ବନ୍ଧରେ ଯଥା ଶୀଘ୍ର କାମ ଶେଷ କରିବା ସହ ଅନ୍ୟ ବନ୍ଧଗୁଡିକର ଡିପିଆର ଶେଷ କରିବାକୁ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ ।ବୈଠକରେ ଏମଜିଏନଆରଇଜିଏ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଓ ସହରାଚଂଳ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସେ ସମୀକ୍ଷା କରିଥିଲେ । ତୁରେକେଲା ଲାଠୋର ଅନ୍ତର୍ଗତ ଟାଟା ପାୱାରର ୩୩ କେଭି ଲାଇନ ବିଚ୍ଛେଦବାକୁ ନେଇ ହୋଇଥିବା ଅସୁବିଧାକୁ ଯଥା ଶୀଘ୍ର ସମାଧାନ କରିବାକୁ ଟିପିଡବ୍ଲୁଓଡିଲ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକ ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶର୍ସ୍ମିତା ବେହେରା, ସରସ୍ୱତୀ ବିଷ୍ଣାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

## ଦେଶ ବିଭାଜନ ଓ ବିସ୍ଥାପନ ସମସ୍ୟା ସମ୍ପର୍କିତ ଆଭାସୀ ପାଠଚକ୍ର

ମାଲକାନଗିରି, (ପି.ଏନ): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ମାଲକାନଗିରି ଜିଲ୍ଲା ଶାଖାର ସଭାପତି ଡ଼ଃ. ରଞ୍ଜନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଓ ଶ୍ରୀମତୀ ଆଭାରାଣୀ ବିଶ୍ୱାଳଙ୍କ ସଂଯୋଜନାରେ ଲୋକ ସଂସଦର ମାସିକ ଆଭାସି ପାଠଚକ୍ର ଆୟୋଜନ କରାଯାଇଥିଲା । ଉକ୍ତ ପାଠଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଟିଟିଲାଗଡ଼ର ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ତଥା ଅଧ୍ୟାପକ ଜୟଦେବ କର ''ଦେଶ ଭାଗ ଓ ବିସ୍ଥାପନ ସାହିତ୍ୟରେ ଦଣ୍ଡକାରଣ୍ୟ'' ବିଷୟ ସଂପର୍କରେ ଆଲୋଚନା କରିଥିଲେ । ବିଭିନ୍ନ ପର୍ଯ୍ୟାୟରେ ଘଟିଥିବା ଦେଶର ବିଭାଜନ ସମୟରେ ବିସ୍ଥାପନଜନିତ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ବିଭିନ୍ନ ସମୟରେ ଏହା ସହ ସମ୍ପର୍କିତ ସାହିତ୍ୟ ଆଦିର ଆଲୋଚନା କରାଯାଇଥିଲା । ବକ୍ତା ଦଣ୍ଡକାରଣ୍ୟରେ କିପରି ବାସ୍ତୁହରା ମାନେ ବିଭିନ୍ନ ସମୟରେ ଆଶ୍ରୟ ପାଇଛନ୍ତି ସେ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ପ୍ରତିମା ନାୟକ ମନ୍ତ୍ର ପାଠ କରିଥିଲେ ଓ ଡି. ଆଶିଷ ରାଠୋର ବିବେକ ବାଣୀ ପାଠ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାର ଆଜୀବନ ସଦସ୍ୟଙ୍କ ସହ ରାଜ୍ୟରୁ ବହୁ ବୁଦ୍ଧିଜୀବୀ, ସାହିତ୍ୟକ, ଲେଖକ, ସାମାଜିକ କର୍ମୀ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ । କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିବା ପରେ ଶିକ୍ଷୟିତ୍ରୀ ଅଙ୍ଗୁରବାଳା ସ୍ୱାଇଁ ଶାନ୍ତି ପାଠ କରିଥିଲେ ।ସୂଚନାଯୋଗ୍ୟ ଯେ, ପ୍ରତି ମାସ ୪ ତାରିଖରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ତରଫରୁ ମାଲକାନଗିରି ଶାଖା ବିଭିନ୍ନ ବିଷୟ ସମ୍ପର୍କୀତ ଆଭାସୀ ଆଲୋଚନାଚକ୍ର ଉପସ୍ଥାପନା କରିଥାଏ ।

## ଯୁକ୍ତ ଦୁଇ ବାଣିଜ୍ୟରେ ଜିଲ୍ଲା ଟପ୍ପର, ଉଚ୍ଚ ଶିକ୍ଷା ପାଇଁ ନାହିଁ ସମ୍ବଳ

ମାଲକାନଗିରି, (ପି.ଏନ): ଝିଅ ଯୁକ୍ତ ଦୁଇ ବାଣିଜ୍ୟରେ ଜିଲ୍ଲା ଟପ୍ପର । କିନ୍ତୁ, ବାପା ମୂଲିଆ । ଆର୍ଥିକ ଅନଟନ ଯୋଗୁଁ ପୂର୍ବରୁ ଦୁଇ ମେଧାବୀ ପୁଅ ଝିଅଙ୍କ ପାଠ ପଢାରେ ବାଧା ଉପୁଜିଥିଲା । କିନ୍ତୁ, ଏବେ ସାନ ଝିଅ ଜିଲ୍ଲା ଟପ୍ପର ହେବା ପରେ ଝିଅର ଆଗାମୀ ପାଠ ପଢାକୁ ନେଇ ଚିନ୍ତାରେ ବାପା । ଏପଟେ ଝିଅ ମଧ୍ୟ ବାପାଙ୍କୁ ଚାଷ ଓ ମୂଲ ଲାଗିବା ବେଳେ ବାପାଙ୍କ କାମରେ ସାହାଯ୍ୟ କରୁଥଲା ନିଜେ ସବୁ କରି ମଧ୍ୟ ଜିଲ୍ଲାରେ ଟପ୍ପର ହେବା ସତ୍ତ୍ୱେ ଆଗାମୀ ଭବିଷ୍ୟତକୁ ନେଇ ଚିନ୍ତାରେ ପରିବାର ।ନା ମମତା ପ୍ରଧାନୀ, ଘର ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଉଦୁଲିବେଡା ପଂଚାୟତର ବାଲିଗୁଡା । ଚାରି ଭାଇ ଭଉଣୀ ମଧ୍ୟରୁ ୩ ନମ୍ବର ଝିଅ ମମତା ।ଚଳିତ ବର୍ଷ ଯୁକ୍ତ ଦୁଇ ବାଣିଜ୍ୟ ବିଭାଗରେ ୫୦୨ ମାର୍କ ରଖି ଜିଲ୍ଲାର ଟପ୍ପର ହୋଇଥିଲେ । କିନ୍ତୁ, ଏବେ ଘର ନିକଟରେ ଆଗକୁ ପାଠ ପଢ଼ିବାର କୌଣସି ମାଧ୍ୟମ ବା କଲେଜ ନଥିବାରୁ ଚିନ୍ତାରେ ପୁରା ପରିବାର । ମମତା ନିଜେ କୁଲି କାମ କରିବା ସହ ବାପାଙ୍କୁ ଚାଷବାସ କାମରେ ସାହାଯ୍ୟ କରୁଥିଲା । ଘରର ସମସ୍ତ କାମ କରିବା ସହ ଜଙ୍ଗଲରୁ କାଠ ଆଣିବା, କୁକୁଡ଼ା ମାନଙ୍କୁ ଖାଇବାକୁ ଦେବା, ସେମାନଙ୍କ ଯତ୍ନ ନେବା ଆଦି କାମ ମଧ୍ୟ ନିଜେ କରୁଥିଲେ । ବିଭିନ୍ନ ପ୍ରକାରର ପନିପରିବା ଚାଷରେ ବାପାଙ୍କୁ ଜମି କାମରେ ସାହାଯ୍ୟ ମଧ୍ୟ କରୁଥିଲେ । ତାହା ସହ ଗୋବିନ୍ଦପାଲ୍ଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଣିଜ୍ୟ ବିଭାଗରେ ଅଧ୍ୟୟନ କରି ବିନା କୌଣସି କୋଚିଂରେ ଜିଲ୍ଲାର ଟପ୍ପର ମଧ୍ୟ ହେଲେ, କିନ୍ତୁ ଏବେ ଆଗକୁ ଅଧ୍ୟୟନ କିପରି କରିବେ ତାକୁ ନେଇ ଚିନ୍ତା । ପୂର୍ବରୁ ବଡ଼ ଭଉଣୀ ଦୁତିକା ପ୍ରଧାନୀ ଓ ପୁଅ ଅଜୟ ପ୍ରଧାନୀ ମେଧାବୀ ହୋଇ ମଧ୍ୟ ଆର୍ଥିକ ଅନଟନ ମଧ୍ୟରେ ପାଠ ପଢା ଛାଡି ଦେଇଥିଲେ । ଏବେ ମମତା କଣ କରିବ ତାକୁ ନେଇ ଚିନ୍ତାରେ ।ନିଜର ଦୁଇ ପୁଅ ଝିଅଙ୍କୁ ଅଧାରେ ପାଠ ପଢା ଏବଂ ଏବେ ଝିଅର ଆଗାମୀ ଭବିଷ୍ୟତକୁ ନେଇ ଚିନ୍ତାରେ ବାପା ଆନନ୍ଦ ପ୍ରଧାନୀ । ମାଥିଲି ଖଇରପୁଟ ବ୍ଲକରେ ବାଣିଜ୍ୟ ବିଭାଗରେ ଯୁକ୍ତ ତିନିର କୌଣସି ବ୍ୟବସ୍ଥା ନାହିଁ । ଭରସା କେବଳ ବାଲିମେଳା, ମାଲକାନଗିରି ଓ ଜୟପୁର । ଯାହାକି ଘରଠୁ ପ୍ରାୟ ୫୦ କି.ମି. ଦୂର । ସେଠାରେ ପଢିବାକୁ ହେଲେ ହଷ୍ଟେଲରେ ରହି ପଢିବାକୁ ହେବ । କିନ୍ତୁ, ଆର୍ଥିକ ଅବସ୍ଥା ସୁଦୃଢ଼ ନଥିବାରୁ ତାହା ମଧ୍ୟ ଆନନ୍ଦଙ୍କ ପରିବାର ପାଇଁ ସମ୍ଭବ ନୁହଁ । ଓବିସି ଶ୍ରେଣୀର ହୋଇଥିବାରୁ ସରକାରଙ୍କ ଠାରୁ ମଧ୍ୟ କୌଣସି ସୁବିଧା ନାହିଁ । ପୂର୍ବ ଦୁଇ ପୁଅ ଝିଅ ଭଳି ମମତାଙ୍କ ପାଠ ପଢା ମଧ୍ୟ କଣ ଅଧାରେ ରହିଯିବ ସେଥିପାଇଁ ବାପା ଓ ପରିବାର ଚିନ୍ତାରେ । ଏପଟେ ଗ୍ରାମବାସୀ କହିଛନ୍ତି, ଜିଲ୍ଲା ଟପ୍ପର ହେବାରୁ ଆମ ଗାଁ ପାଇଁ ମମତା ଗର୍ବ । ଅଂଚଳରେ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ପାଇଁ ଏକ ଯୁକ୍ତ ତିନି କଲେଜ ହେଲେ ସ୍ଥାନୀୟ ଗରିବ ଛାତ୍ର ଛାତ୍ରୀଙ୍କ ପାଇଁ ଅଧିକ ସୁବିଧା ହୁଅନ୍ତା ।

## ଟିପିଏସ୍ଓଡିଏଲ ଦ୍ୱାରା ଚତୁର୍ଥ ଜାତୀୟ ବୈଦ୍ୟୁତ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ଜୟପୁର,(ପି.ଏନ): ଟି.ପି . ଦକ୍ଷିଣାଂଚଳ ଓଡ଼ିଶା ବିତରଣ ଲିମିଟେଡ ଆନୁକୂଲ୍ୟରେ ଚତୁର୍ଥ ଜାତୀୟ ବୈଦ୍ୟୁତିକ ସୁରକ୍ଷା ସପ୍ତାହ ଉଦ୍ ଯାପନ କାର୍ଯ୍ୟକ୍ରମ ଜୟପୁର ଟାଉନ ହଲ୍ ଠାରେ ଆରଡମ୍ବରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ୨୬ ଜୁନ ରୁ ୫ ଜୁଲାଇ ତାରିଖ ପର୍ଯ୍ୟନ୍ତ ଜୟପୁର ମଣ୍ଡଳର ପ୍ରତ୍ୟେକ ବିଦ୍ୟୁତ ବିଭାଗରେ ଅନୁଷ୍ଠିତ ହୋଇଯାଇଛି । ଚତୁର୍ଥ ଜାତୀୟ ବୈଦ୍ୟୁତିକ ସୁରକ୍ଷା ସପ୍ତାହର ବିଷୟ ବସ୍ତୁ ଥିଲା ବୈଦ୍ୟୁତିକ ସୁରକ୍ଷା - ଏହା ସହ ବୁଝାମଣା ନୁହେଁ, ସଠିକ ଜ୍ଞାନ ଆବଶ୍ୟକ । ଏହି କାର୍ଯ୍ୟକ୍ରମରେ ଜୟପୁର ବିଦ୍ୟୁତ ମଣ୍ଡଳର ଡିଜିଏମ୍ ଶ୍ରୀ ମନ୍ମଥ ନାଥ ମିଶ୍ର, ନିର୍ବାହୀ ଯନ୍ତ୍ରୀ ଶ୍ରୀ ବରୁଣ ଚୌଧୁରୀ ଓ ଜି.ଆର. ଏଫ. ର ଅଧ୍ୟକ୍ଷ ଟି . ତପନ ରଶ୍ମି ଶୁବୁଦ୍ଧି ଓ ନିର୍ବାହୀ ଯନ୍ତ୍ରୀ( ଜି.ଇ.ପ୍ରୋ.) ହୃଦୟ ବଲ୍ଲଭ ପ୍ରଧାନ ଉପସ୍ଥିତ ରହି ବିଭିନ୍ନ ସୁରକ୍ଷା ସମ୍ବନ୍ଧିତ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତି ଯୋଗି ଓ ସଦା ସର୍ବଦା ସୁରକ୍ଷିତ ଓ ଗୁଣାତ୍ମକ କାର୍ଯ୍ୟ କରୁଥିବା ବିଦ୍ୟୁତ କର୍ମଚାରୀ ମାନଙ୍କୁ ପୁରସ୍କୃତ କରିଥିଲେ ।କାର୍ଯ୍ୟକ୍ରମଟି ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ସଭା ପରିଚାଳନା କରିଥିଲେ ସନ୍ତୋଷ କୁମାର ମହାନ୍ତି । ଶେଷ ଦିନରେ ଏକ ବୈଦ୍ୟୁତିକ ସୁରକ୍ଷା ସଚେତନତା ଭିତିକ ନାଟକ ସେପ୍ଟିମେଁ ହମ୍ କଭି ଝୁକେଗା ନେହିଁ, ନାଟ୍ୟକାର ଇଂ. ସୌମ୍ୟ ରଞ୍ଜନ ଲେଙ୍କାଙ୍କ ଦ୍ୱାରା ପରିବେଷଣ ହୋଇଥିଲା ଓ ତାଙ୍କ ସହକଳାକାରମାନେ ଥିଲେ ସୁରଜିତ୍ ସ୍ୱାଇଁ, ରଶ୍ମି ରଞ୍ଜନ ସାହୁ, ଅଶୋକ କୁମାର ସ୍ୱାଇଁ, ଶିବ ଶଙ୍କର ପଟ୍ଟନାୟକ,ସନାତନ ସ୍ୱାଇଁ ଓ ବିଜୟ କୁମାର ଜେନା ।

## ଅଶ୍ୱିନୀ ବୈଷ୍ଣବଙ୍କ ଏମପି ଲ୍ୟାଡ଼ ପାଣ୍ଠିରୁ ବାଲେଶ୍ୱର ଜିଲ୍ଲା ପାଇଁ ମୋଟ ୧ କୋଟି ୫୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି

ଭୁବନେଶ୍ୱର, (ପି.ଏନ): ମାନ୍ୟବର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଜୁନ ମାସ ୨୦ ଏବଂ ୨୧ତାରିଖ ରେ ବାହାନଗା ବଜାର ଏବଂ ବାଲେଶ୍ୱର ଗସ୍ତ ସମୟରେ ଦୁର୍ଘଟଣା ସ୍ଥଳରେ ପ୍ରଥମ ସହାୟତା ଯୋଗାଇଥିବା ସ୍ଥାନୀୟ ଲୋକ, ଗ୍ରାମବାସୀ ଏବଂ ବେସରକାରୀ ସଂସ୍ଥା (ଏନଜିଓ) ମାନଙ୍କର ସଦସ୍ୟଙ୍କୁ ଭେଟିଥିଲେ । ଅନେକ ଯାତ୍ରୀଙ୍କ ଜୀବନ ବଞ୍ଚାଇବା ପାଇଁ ସେମାନେ କରିଥିବା ଉଦ୍ୟମକୁ ଶ୍ରୀ ବୈଷ୍ଣବ ପ୍ରଶଂସା କରିଥିଲେ । ସ୍ଥାନୀୟ ବାସିନ୍ଦା ମାନ୍ୟବର ମନ୍ତ୍ରୀଙ୍କ ସହ କଥାବାର୍ତ୍ତା ସମୟରେ ଏହି ଅଞ୍ଚଳ ପାଇଁ କିଛି ଦାବି ଉପସ୍ଥାପନ କରିଥିଲେ । ମାନ୍ୟବର ମନ୍ତ୍ରୀ ଦୁଇ ସପ୍ତାହ ମଧ୍ୟରେ ଦେଇଥିବା ପ୍ରତିଶୃତି ପୂରଣ କରିଛନ୍ତି ଏବଂ ଏହି ଅଞ୍ଚଳର ଉପଯୁକ୍ତ ଆଲୋକ ବ୍ୟବସ୍ଥା ଏବଂ ରାତ୍ରି ସମୟରେ ଦୃଶ୍ୟମାନ ପାଇଁ ଫ୍ଲଡ ଲାଇଟ ବ୍ୟବସ୍ଥା ସହିତ ୨ ଟି ହାଇ ମାଷ୍ଟ ଲାଇଟ ପ୍ରଦାନ କରିବା ବାବଦରେ ଅର୍ଥ ବରାଦ କରାଯାଇଛି । ଏହି ଅଞ୍ଚଳର ଡ୍ରେନେଜ୍ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ନୂତନ ହ୍ୟୁମ୍ ପାଇପ୍ ସ୍ଥାପନ କାର୍ଯ୍ୟ ଜୋରସୋରରେ ଚାଲିଛି । ଟ୍ରେଞ୍ଚିଂ କାର୍ଯ୍ୟ ହୋଇସାରିଛି ଏବଂ କାର୍ଯ୍ୟ ସ୍ଥଳରେ ନିର୍ମାଣ ସାମଗ୍ରୀ ଉପଲବ୍ଧ ଅଛି ଏବଂ କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହେବ । ମାନ୍ୟବର ରେଳ ମନ୍ତ୍ରୀ ଏହି ବିକାଶମୂଳକ କାର୍ଯ୍ୟର ଯୁଦ୍ଧ କାଳୀନ ଭିତ୍ତିରେ ସମାପ୍ତି ସମ୍ବନ୍ଧରେ ଗୁରୁତ୍ୱ ଦେଇଛନ୍ତି ।ମାନ୍ୟବର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏମପି ଲ୍ୟାଡ଼ ଯୋଜନା ପାଣ୍ଠିରୁ ୧୫୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ଯାହାକି ପାଣ୍ଠିର ଏକ ବିଶାଳ ଅଂଶ ଅଟେ । ସ୍ଥାନୀୟ ଅଞ୍ଚଳର ଉନ୍ନତି ପାଇଁ ମାନ୍ୟବର ରେଳ ମନ୍ତ୍ରୀ ଏକ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ବାହାନାଗା ଏବଂ ନିକଟବର୍ତ୍ତୀ ଗ୍ରାମଗୁଡିକରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ୧ କୋଟି ଯେଉଁଥିରେ କମ୍ୟୁନିଟି ସେଣ୍ଟର ଏବଂ ହଲ୍ ସହିତ ସୌଚାଳୟ ଏବଂ ଥଣ୍ଡା ପାନୀୟ ଜଳ ଯୋଗାଇବା, ବାସୁଳି ହାଇସ୍କୁଲ ନିକଟରେ ଶିଶୁ ପାର୍କ ଏବଂ ଜିମ୍ ନିର୍ମାଣ, ଜାତୀୟ ରାଜପଥ-୧୬ ରୁ ୯୫ ନମ୍ବର ଲେବଲ କ୍ରସିଂ ପର୍ଯ୍ୟନ୍ତ ସଂଯୋଗକରି ରାସ୍ତାର ସମ୍ପ୍ରସାରଣ ଓ ମଜବୁତ କରିବା ସାଥି ଠାରେ ସରତିରା ଗ୍ରାମ ରାସ୍ତାର ମରାମତି, ପ୍ରାଣବନ୍ଧୁ ବିଦ୍ୟାପୀଠ ଖେଳ ପଡିଆର ଉନ୍ନତି ଏବଂ ୪୨ ଟି ସୋଲାର ଷ୍ଟ୍ରିଟ୍ ଲାଇଟ୍ ଇତ୍ୟାଦିର ପ୍ରତିଶୃତି ପୂରଣ କରିବା ପାଇଁ ସେ ଏକ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏହା ବ୍ୟତୀତ ବାଲେଶ୍ୱର ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ ପାଇଁ ଉନ୍ନତ ଜୀବନ ସହାୟତା (ଇଖଝ) ଆମ୍ବୁଲାନ୍ସ କ୍ରୟ ପାଇଁ ୩୫ ଲକ୍ଷ ଏବଂ ବାଲେଶ୍ୱର ଲାୟନ୍ସ ଚକ୍ଷୁ ହସ୍ପିଟାଲରେ ଗୋଟିଏ ମଡ୍ୟୁଲାର୍ ଅପରେସନ୍ ଥିଏଟର ପାଇଁ ୨୦ ଲକ୍ଷ ଟଙ୍କା ଶ୍ରୀ ବୈଷ୍ଣବଙ୍କ ଦ୍ୱାରା ମଞ୍ଜୁର କରାଯାଇଛି ।ମାନ୍ୟବର ରେଳ ମନ୍ତ୍ରୀଙ୍କ ଦ୍ୱାରା ସ୍ୱତନ୍ତ୍ର ପଦକ୍ଷେପ ଏବଂ ନିରନ୍ତର ତଦାରଖ ସହିତ ଉପରୋକ୍ତ ପ୍ରକଳ୍ପଗୁଡିକ ଶୀଘ୍ର କାର୍ଯ୍ୟକାରୀ କରାଯିବ ।




ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक

Bhubaneswar Friday July 07, 2023 | ଭୁବନେଶ୍ୱର ଶୁକ୍ରବାର, ଜୁଲାଇ ୦୭,୨୦୨୩ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com



# ରାଜ୍ୟ ସରକାରଙ୍କ ଚରମ ଅବହେଳାରୁ ପନିପରିବାର କୃତ୍ରିମ ଦରବୃଦ୍ଧି



ଭୁବନେଶ୍ୱର,(ପି.ଏନ): ସମ୍ପ୍ରତି ସମଗ୍ର ରାଜ୍ୟରେ ପନିପରିବାର ଆକାଶଛୁଆଁ ଦର ବୃଦ୍ଧି। ଟମାଟୋ କିଲୋ ୧୨୦, ଅଦା କିଲୋ ୩୦୦କୁ ଟପିଲାଣି। ଅନ୍ୟ ପରିବା ଦାମ୍ କଥା କହିଲେ ନ ସରେ। ସରକାରଙ୍କର ଏଥିପ୍ରତି ତିଳେମାତ୍ର ନିଘା ନାହିଁ। ବଜାର ଦର ନିୟନ୍ତ୍ରଣ କରିବାରେ ସରକାର ବିଫଳ। ରାଜ୍ୟ ବିଜେଡ଼ି ସରକାରର ଚରମ ଅବହେଳାରୁ ଖରା ଓ ବର୍ଷା ସହଣୀ ବିହନ ଅଭାବ, ବିପଣନ, ମଣ୍ଡି ବ୍ୟବସ୍ଥା ଓ ଆବଶ୍ୟକ ଶୀତଳଭଣ୍ଡାର ନ ଥିବା ଯୋଗୁଁ ବର୍ଷତମାମ ଓଡ଼ିଶା ବଜାରକୁ ପରିବା ଆସି ପାରୁନାହିଁ। ଯାହା କିଛି ଆସୁଛି, ତାହା ବ୍ୟବସାୟୀଙ୍କ କବ୍ଜାରେ। ଫଳରେ ଗରୀବ, ନିମ୍ନ ମଧ୍ୟବିତ୍ ଓ ସାଧାରଣ ଖାଉଟି ପରିବା କିଣିବା କାଠିକର ପାଠ। ୨୦୦୦ ମସିହାରେ ବିଜେଡ଼ି ଦଳ ସରକାରକୁ ଆସିବା ବେଳେ ତାଙ୍କ ନିର୍ବାଚନ ଇସ୍ତାହାରରେ ଓଡ଼ିଶାର ପ୍ରତି ବ୍ଲକସ୍ତରରେ ଶୀତଳଭଣ୍ଡାର ପ୍ରତିଷ୍ଠା ଓ ୨୦୧୪ରେ ଚାଷ ପାଇଁ ଚାଷୀଙ୍କୁ ମାଗଣା ବିଜୁଳି ଯୋଗାଇ ଦେବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏବେ ଏହି ପ୍ରତିଶ୍ରୁତି ଗଲା କୁଆଡ଼େ? ରାଜ୍ୟରେ ଏବେ କେତୋଟି ଶୀତଳଭଣ୍ଡାର ଅଛି? ଘରୋଇ ଭାବେ ହାତଗଣତି କେତୋଟି ଅଚଳ ଶୀତଳଭଣ୍ଡାରକୁ ଛାଡ଼ିଦେଲେ ସରକାରୀସ୍ତରରେ ଉଦ୍ୟାନ ବିଭାଗ ସୂଚନା ଅନୁଯାୟୀ ପୁରୀ ଓ କଟକ ଜିଲ୍ଲାରେ ମାତ୍ର ୨ଟି ଶୀତଳଭଣ୍ଡାର କାଁ ଭାଁ କାମ କରୁଛି। ଚାଷୀ ଉତ୍ପାଦନ କରୁଥିବା ପନିପରିବା ବିକ୍ରୟ ଓ ସଂରକ୍ଷଣ ପାଇଁ ସରକାର ଅଦ୍ୟାବଧି କ'ଣ ବ୍ୟବସ୍ଥା କରିଛନ୍ତି। ଆଳୁ ମିଶନ ଓ ପିଆଜ ମିଶନ୍ ଗଲା କୁଆଡ଼େ। ଏଥିପାଇଁ ରାଜକୋଷରୁ ଖର୍ଚ୍ଚ ହୋଇଥିବା କୋଟି କୋଟି ଟଙ୍କାର ହିସାବ ଦେବ କିଏ? ଦକ୍ଷିଣ ଓଡ଼ିଶାର ୫ଟି ଜିଲ୍ଲାରେ ତାପମାତ୍ର କମ୍ ଥିବାରୁ ବ୍ୟାପକ ପରିମାଣର ପନିପରିବା ଉତ୍ପାଦନ ହେଉଛି। ଚାଷୀ ଏହାର ଫାଇଦା ନେବା ପରିବର୍ତ୍ତେ ବାହାର ରାଜ୍ୟର ବ୍ୟବସାୟୀ ଏହାର ମୁନାଫା ଉଠାଉଛନ୍ତି। ତେଣୁ ଏହାର ପ୍ରତିବାଦରେ ଖାଉଟି ଓ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ ଆଜି ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲଙ୍କ ସହିତ ସାକ୍ଷାତ ଆଲୋଚନା କରି ୧୫ ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିବା ସହିତ ଓଡ଼ିଶା ସରକାର ତୁରନ୍ତ ଏହାର ସମାଧାନ କରିବାକୁ ବରେଣ୍ୟ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଉକ୍ତ ସ୍ମାରକପତ୍ରରେ ଦାବୀଗୁଡ଼ିକ ମଧ୍ୟରେ ଉତ୍ପାଦିତ ପନିପରିବା ଖର୍ଚ୍ଚର ହିସାବକୁ ଦେଖି ବଜାର ଦର ନିୟନ୍ତ୍ରଣ, ଓଡ଼ିଶାରେ ପନିପରିବା ମିଶନ୍ ଗଠନ, ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପନିପରିବା ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କ ସୁବିଧା ପାଇଁ ଅଧିକ ଅମଳକ୍ଷମ ପନିପରିବାକୁ ଫସଲବୀମାରେ ଅନ୍ତର୍ଭୁକ୍ତ, ପ୍ରତି ବ୍ଲକସ୍ତରରେ ଶୀତଳଭଣ୍ଡାର ସ୍ଥାପନ, କୁଲିଂ ଚାମ୍ବର ଏବଂ ସୋଲାର ବ୍ୟବସ୍ଥା, ଅଞ୍ଚଳଭିତ୍ତିରେ ପନିପରିବା ଉତ୍ପାଦନ ଗୋଷ୍ଠୀ ଗଠନ ଓ କ୍ଲଷ୍ଟର ଭିତ୍ତିକ ପନିପରିବା ଚାଷ ପାଇଁ ପ୍ରୋତ୍ସାହନ, ଓମଫେଡ଼ ଭଳି ପନିପରିବା ଉତ୍ପାଦନ ଓ ସୁବିପଣନ ପାଇଁ ଭେଜଫେଡ଼ ପ୍ରତିଷ୍ଠା, ନିର୍ଦ୍ଧାରିତ ସମୟରେ ଖରା ସହଣୀ ଓ ବର୍ଷା ସହଣୀ ଉନ୍ନତମାନର ବିହନ ଓ ଚାରା ଚାଷୀଙ୍କୁ ରିହାତି ମୂଲ୍ୟରେ ଯୋଗାଣ, ବିଭିନ୍ନ ପନିପରିବାର ଖାଦ୍ୟ ପ୍ରକ୍ରିୟାକରଣ ଓ ପ୍ରସ୍ତୁତିକରଣ ପାଇଁ ବ୍ୟବସ୍ଥା- ଯଥା ଟମାଟୋରୁ ଜେଲି, ଜାମ୍, ସ୍କ୍ୱାସ୍, ସସ୍ ପ୍ରସ୍ତୁତି, କୃଷି ସିଞ୍ଚାଇ ଯୋଜନାର ବ୍ୟାପକ କାର୍ଯ୍ୟକାରୀତା, ପନିପରିବା ଚାଷ ଓ ସଂରକ୍ଷଣ ପାଇଁ ବ୍ୟବହୃତ ବିଜୁଳି ଚାଷୀଙ୍କୁ ମାଗଣାରେ ଯୋଗାଣ, ଅଧିକ ଅମଳକ୍ଷମ ପରିବାକୁ ଅତ୍ୟାବଶ୍ୟକ ସାମଗ୍ରୀର ଅନ୍ତର୍ଭୁକ୍ତ, ଉନ୍ନତ ପନିପରିବା ଚାଷ ପାଇଁ ବିହନ ଓ ଚାରା ଉତ୍ପାଦନ ପାଇଁ ପ୍ରତି ଗ୍ରାମ ପଞ୍ଚାୟତସ୍ତରରେ ନର୍ସରୀ ପ୍ରତିଷ୍ଠା, ବନ୍ୟଜନ୍ତୁଙ୍କ ଦାଉରୁ ଫସଲ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ପନିପରିବା ଉତ୍ପାଦନ, ସଂରକ୍ଷଣ, ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ସମ୍ପର୍କରେ ଚାଷୀଙ୍କୁ ଉପଯୁକ୍ତ ବୈଷୟିକ ତାଲିମ ପ୍ରଦାନ, ଖାଦ୍ୟ ଶୈଳୀର ପରିବର୍ତ୍ତନରେ ବଳକା କଞ୍ଚା ପନିପରିବାକୁ ଶୁଷ୍କ କରି ବ୍ୟବହାର କରାଯିବା ପ୍ରଭୃତି ଦାବୀ କରାଯାଇଛି। ଯଦି ସରକାର ଏହି ଦାବୀଗୁଡ଼ିକର ଆଶୁ ସମାଧାନ ନ କରନ୍ତି, ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ଜାରି ରହିବ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ କିଷାନ କଂଗ୍ରେସ ନେତା ବୃନ୍ଦାବନ ଖଟେଇ, ସୁବାଷ ରାଉତ, ଅରୁଣ ଜେନା, ନାରାୟଣ ପରିଡ଼ା, ମନୋରଞ୍ଜନ ନାୟକ, ସଦାନନ୍ଦ ଓଝା, ନୂତନ ତ୍ରିପାଠୀ, ଗୋବିନ୍ଦ ପଟେଲ, ଶ୍ୟାମ ସୁନ୍ଦର ଦୋରା, ଇଂ ଅରବିନ୍ଦ ସାମଲ, ବସନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାରେ ୫ଗୋଟି ହାଇସ୍କୁଲର ବିକାଶ ପାଇଁ ପିପିଏଲର ୧୬.୬୯ ଲକ୍ଷ ଟଙ୍କା ସହାୟତା

ପାରାଦୀପ ,(ପି.ଏନ): ରାଜ୍ୟ ସରକାରଙ୍କ ୫ଟି ରୁପାନ୍ତକରଣ ଅନ୍ତର୍ଗତ ଜଗତସିଂହପୁର ଜିଲ୍ଲାର ୫ଗୋଟି ଉଚ୍ଚ ବିଦ୍ୟାଳୟର ବିକାଶ ପାଇଁ ପାରାଦୀପ ଫସଫେଟ ଲିମିଟେଡ୍ (ପିପିଏଲ) ୧୬.୬୯ ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ କରିଛି। ଜିଲ୍ଲା ପ୍ରଶାସନ ପିପିଏଲକୁ ନିଜ ସିଏସଆର୍ ପଣ୍ଡରୁ ସ୍କୁଲର ବିକାଶ ପାଇଁ ଅନୁଦାନ ଦେବାକୁ ଚିଠି ଲେଖିଥିଲେ। ଏହି ଅର୍ଥରାଶିରେ ୫ଗୋଟି ଉଚ୍ଚ ବିଦ୍ୟାଳୟର କୋଠା ଉନ୍ନତି କରଣ ସହ ସ୍ମାର୍ଟ କ୍ଲାସ ରୁମ, ଇ-ଲାଇବ୍ରେରି ଇତ୍ୟାଦି ନିର୍ମାଣ କରାଯିବ। ତେବେ ପିପିଏଲର ପାରାଦୀପ ଶାଖା ମୁଖ୍ୟ ପ୍ରଣବ ଭଟ୍ଟାଚାର୍ଯ୍ୟ ଜଗତସିଂହପୁର ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟୱାରୀଙ୍କ କାର୍ଯ୍ୟାଳୟରେ ଭେଟି ଏହି ଅର୍ଥରାଶିର ଚେକ୍‌କୁ ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପିପିଏଲ ମାନବ ସମ୍ବଳ ମୁଖ୍ୟ ମହାପ୍ରବନ୍ଧକ ଜଗନ୍ନାଥ ଖୁଣ୍ଟିଆ, କର୍ପୋରେଟ ଆଫାୟର୍ସ ମୁଖ୍ୟ ସୁଧିରଂଜନ ମିଶ୍ର, ସିଏସଆର ମହାପ୍ରବନ୍ଧକ ସୌମ୍ୟଶ୍ରୀ ଓମ ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୭୪ ତମ ବନମହୋତ୍ସବ ପାଳିତ
## ଗଛ ଲଗାଇଲେ, ପିଲାଙ୍କ ସହ ଫଟୋ ଉଠାଇଲେ ବିଧାୟକ



ବାଳକାଟି,(ପି.ଏନ):ଆମ ପରିବେଶକୁ ସନ୍ତୁଳନ କରିବାରେ ବୃକ୍ଷ ହିଁ ଏକାନ୍ତ ଆବଶ୍ୟକ ବୋଲି ଆଜି ବାଲିଅନ୍ତା ବ୍ଲକ ଉମାଦେଇବ୍ରହ୍ମପୁର ପଞ୍ଚାୟତ ଯଶୁଆପୁର ପ୍ରାଥମିକ ବିଦ୍ୟାଳୟରେ ୭୪ ତମ ବନମହୋତ୍ସବ ପାଳନ ଅବସରରେ ଅତିଥି ମାନେ ମତ ପ୍ରକାଶ କରିଥିଲେ। ପରିବେଶ ଭିତ୍ତିକ ସାମାଜିକ ଅନୁଷ୍ଠାନ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଓ କାଞ୍ଚନ ଫାଉଣ୍ଡେସନ ମିଳିତ ସହଯୋଗରେ ଏହି ମହୋତ୍ସବ ପାଳିତ ହୋଇଯାଇଛି। ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି, ଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢ଼ାଲି, ସମ୍ମାନୀତ ଅତିଥି ଭାବେ ବାଲିପାଟଣା ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ମହାନ୍ତି, ବିଶିଷ୍ଟ ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ନାରାୟଣ ବେହେରା, ସମିତିସଭ୍ୟ ରଞ୍ଜନ କୁମାର ମହାପାତ୍ର ଯୋଗଦେଇ ବନମୋତ୍ସବର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନର ବାର୍ତ୍ତା ଦେଇଥିଲେ। ଜୀବଜଗତ ବଞ୍ଚିବା ପାଇଁ ବୃକ୍ଷର ଆବଶ୍ୟକତା ଅପରିହାର୍ଯ୍ୟ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ପ୍ରିୟବ୍ରତ ପାତ୍ର, ପ୍ରଧାନ ଶିକ୍ଷୟତ୍ରୀ ସୁମିତ୍ରା ସିଂହ, ସମାଜସେବୀ ତଥା ଆଇନଜୀବୀ ଜ୍ୟୋତିର୍ମୟୀ ପଣ୍ଡା ଯୋଗଦାନ କରି ବୃକ୍ଷ ରୋପଣ କରିବା ସହ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ ଡ. ଢ଼ାଲି ଛାତ୍ରଛାତ୍ରୀଙ୍କୁ ବୃକ୍ଷର ଉପକାରିତା ଉପରେ ବୁଝାଇବା ସହ ଫୋଟୋ ଉଠାଇଥିଲେ କ୍ଷ କାର୍ଯ୍ୟକ୍ରମକୁ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ଟ୍ରଷ୍ଟି ଗୋବିନ୍ଦ ବେହେରା ଓ କାଞ୍ଚନ ଫାଉଣ୍ଡେସନର ସଦସ୍ୟ ବିଶ୍ୱରଂଜନ ସାମନ୍ତରାୟ ପରିଚ୍ଛାଳନାରେ ସହଯୋଗ କରିଥିଲେ।

## ପାରାଦୀପରେ ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କଲେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଲଗ୍ନଜିତ ରାଉତ

ପାରାଦୀପ,(ପି.ଏନ): ପାରାଦୀପରେ ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବରିଷ୍ଠ ପ୍ରଶାସନିକ ଅଧିକାରୀ ଲଗ୍ନଜିତ ରାଉତ। ଏହା ପୂର୍ବରୁ ଶ୍ରୀ ରାଉତ ନୟାଗଡ ଜିଲ୍ଲାରେ ଉପ ଜିଲ୍ଲାପାଳ ଭାବେ କାର୍ଯ୍ୟ କରି ବେସ ସୁନାମ ଅର୍ଜନ କରିଥିଲେ। ପାରାଦୀପରେ ଯୋଗଦାନ ପୂର୍ବରୁ ଶ୍ରୀ ରାଉତ ଓଟିଡିସି ର ସାଧାରଣ ପରିଚାଳକ ଭାବେ କାର୍ଯ୍ୟରତ ଥିବଲେ। ଏନେଇ ବିଧିବଦ୍ଧ ଭାବେ ଜୁନ ୨୩ ତାରିଖରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଲଗ୍ନଜିତ ରାଉତଙ୍କୁ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି କରାଯାଇଥିଲା। ଶ୍ରୀ ରାଉତ ଗତ ଜୁଲାଇ ୩ ତାରିଖ ସୋମବାର ଦିନ ନିଜ କାର୍ଯ୍ୟରେ ଯୋଗ ଦେଇଥିବା ଜଣା ପଡିଛି। ସୁଚନାଥାଉକି, ପୂର୍ବତନ ଅତିରିକ୍ତ ଜିଲ୍ଲାପାଳ ଡ. କାହ୍ନୁ ଚରଣ ଧୀର ଉତ୍କଳ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଭାବେ ବଦଳି ହେବା ପରେ ଲଗ୍ନଜିତ ରାଉତ ଏହି ଦାୟିତ୍ୱରେ ଅବସ୍ଥାପିତ ହୋଇଛନ୍ତି। ତେବେ ନୂତନ ଏଡିଏମଙ୍କ ଯୋଗଦାନ ପରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଅଭିନନ୍ଦନ ଜଣାଇଛନ୍ତି।

## ଲାୟନ୍ସ କ୍ଲବ୍ ଭୁବନେଶ୍ୱର ଓଡିଶା ପକ୍ଷରୁ ବର୍ଷାତି ବଣ୍ଟନ

ଭୁବନେଶ୍ୱର,(ପି.ଏନ): 'ବେଟି ପଢାଅ ବେଟି ବଚାଓ' ସ୍ଲୋଗାନକୁ ସାକାର କରି ଲାୟନ୍ସ କ୍ଲବ ପକ୍ଷରୁ ନିଳାଦ୍ରୀ ବିହାରସ୍ଥିତ ଆଶା କିରନ୍ ଅନ୍ତେବାସୀଙ୍କୁ ବର୍ଷାତି ବନ୍ଟନ କରାଯାଇଛି। ୩୦ରୁ ଅଧିକ ଜଣ ଅନ୍ତେବାସୀ କିପରି ଏହି ବର୍ଷା ସମୟରେ ସ୍କୁଲକୁ ପାଠ ପଢିବା ପାଇଁ ସୁବିଧାରେ ଯିବା ଆସିବା କରିପାରିବେ ତାହାକୁ ଲକ୍ଷ୍ୟରେ ରଖି ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ଲାୟନ ତପନ କୁମାର ହରିଚନ୍ଦନ, ସମ୍ପାଦକ ଲାୟନ ଇଂ ସରୋଜ ପଟ୍ଟନାୟକ, କୋଷାଧ୍ୟକ୍ଷ ଲାୟନ ଅମିତାଭ ଦାସ, ଲାୟନ କାହ୍ନୁ ରନ ପୃଷ୍ଟି, ଲାୟନ ସିଦ୍ଧାର୍ଥ ମହାନ୍ତି ପ୍ରମୁଖ ଯୋଗଦାନ କରି ଅନ୍ତେବାସୀଙ୍କ ମୁହଁରେ ହସ ଫୁଟାଇ ପାରିଥିଲେ। ଲାୟନ ସ୍ମୃତି ରନ ଜେନା ସମସ୍ତ ଖର୍ଚ୍ଚ ବହନ କରିଥିଲେ। ଲାୟନ ଜେନାଙ୍କର ଏଭଳି ସହଯୋଗିତା କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକମାନେ ପ୍ରଶଂସା କରିଥିଲେ।

## ଦେଶ ବିଭାଜନ ଓ ବିସ୍ଥାପନ ସମସ୍ୟା ସମ୍ପର୍କିତ ଆଭାସୀ ପାଠଚକ୍ର

ମାଲକାନଗିରି, (ପି.ଏନ): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ମାଲକାନଗିରି ଜିଲ୍ଲା ଶାଖାର ସଭାପତି ଡ଼ଃ. ରଞ୍ଜନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଓ ଶ୍ରୀମତୀ ଆଭାରାଣୀ ବିଶ୍ୱାଳଙ୍କ ସଂଯୋଜନାରେ ଲୋକ ସଂସଦର ମାସିକ ଆଭାସି ପାଠଚକ୍ରର ଆୟୋଜନ କରାଯାଇଥିଲା। ଉକ୍ତ ପାଠଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଟିଟିଲାଗଡ଼ର ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ତଥା ଅଧ୍ୟାପକ ଜୟଦେବ କର ''ଦେଶ ଭାଗ ଓ ବିସ୍ଥାପନ ସାହିତ୍ୟରେ ଦଣ୍ଡକାରଣ୍ୟ'' ବିଷୟ ସଂପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ ଘଟିଥିବା ଦେଶର ବିଭାଜନ ସମୟରେ ବିସ୍ଥାପନଜନିତ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ବିଭିନ୍ନ ସମୟରେ ଏହା ସହ ସମ୍ପର୍କିତ ସାହିତ୍ୟ ଆଦିର ଆଲୋଚନା କରାଯାଇଥିଲା। ବକ୍ତା ଦଣ୍ଡକାରଣ୍ୟରେ କିପରି ବାସ୍ତୁହରା ମାନେ ବିଭିନ୍ନ ସମୟରେ ଆଶ୍ରୟ ପାଇଛନ୍ତି ସେ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପ୍ରତିମା ନାୟକ ମନ୍ତ୍ର ପାଠ କରିଥିଲେ ଓ ଡି. ଆଶିଷ ରାଠୋର ବିବେକ ବାଣୀ ପାଠ କରିଥିଲେ।ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାର ଆଜୀବନ ସଦସ୍ୟଙ୍କ ସହ ରାଜ୍ୟରୁ ବହୁ ବୁଦ୍ଧିଜୀବୀ, ସାହିତ୍ୟକ, ଲେଖକ, ସାମାଜିକ କର୍ମୀ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିବା ପରେ ଶିକ୍ଷୟିତ୍ରୀ ଅଙ୍ଗୁରବାଳା ସ୍ୱାଇଁ ଶାନ୍ତି ପାଠ କରିଥିଲେ।ସୂଚନାଯୋଗ୍ୟ ଯେ, ପ୍ରତି ମାସ ୪ ତାରିଖରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ତରଫରୁ ମାଲକାନଗିରି ଶାଖା ବିଭିନ୍ନ ବିଷୟ ସମ୍ପର୍କୀତ ଆଭାସୀ ଆଲୋଚନାଚକ୍ର ଉପସ୍ଥାପନା କରିଥାଏ।

## ଭାରତରେ କିଆ ସେଲ୍ଟସ୍‌ର ବଜାର ପ୍ରବେଶ

ଭୁବନେଶ୍ୱର,(ପି.ଏନ.:) ଭାରତର ଅଗ୍ରୀ ପ୍ରିମିୟମ କାର୍ ନିର୍ମାତା, କିଆ ଇଣ୍ଡିଆ ପକ୍ଷରୁ ଏହାର ବହୁପ୍ରତିକ୍ଷୀତ ଉନ୍ନତ, ନିରାପଦ ଓ ସ୍ମାର୍ଟେଷ୍ଟ କାର୍ ସେଲ୍ଟସ୍‌ର ଉନ୍ମୋଚନ କରାଯାଇଛି। ନୂଆ ସେଲ୍ଟସ୍ ଏକ ପାୱାର୍ ପ୍ୟାକ୍‌ଡ, ସ୍ମାର୍ଟ ଓ ନିରାପଦ ଗାଡିଚାଳନା ଅନୁଭୂତି ପ୍ରଦାନ କରୁଥିବା ବେଳେ ଏହାକୁ ସବୁବେଳେ ବ୍ୟସ୍ତ ରହୁଥିବା ନୂତନ ଯୁଗର ଗ୍ରାହକଙ୍କ ପାଇଁ ଡିଜାଇନ୍ କରାଯାଇଛି। ସେଲ୍ଟସ୍ କିଆ କର୍ପୋରେଶନର ସବୁଠାରୁ ବଡ ବ୍ରାଣ୍ଡ ହୋଇଥିବା ବେଳେ ଏହା ବିଶ୍ୱରେ ସର୍ବାଧିକ ବିକ୍ରି ହେଉଥିବା ୧୦ଟି କାର୍ ମଧ୍ୟରୁ ଅନ୍ୟତମ ଅଟେ। କିଆ ଇଣ୍ଡିଆର ମୋଟ ବିକ୍ରିରେ ସେଲ୍ଟସ ବ୍ରାଣ୍ଡର ବର୍ତମାନର ଅଂଶ ୫୫% ରହିଛି। ସେହିପରି କିଆ ଇଣ୍ଡିଆ ପକ୍ଷରୁ ଏହାର ନୂଆ ପରିବର୍ତନଶୀଳ ଯାତ୍ରା କିଆ- ୨.୦ ର ଶୁଭାରମ୍ଭ କରାଯାଇଛି। କିଆ ୨.୦ ଅଧିନରେ କମ୍ପାନୀ ୧୦% ବଜାର ଅଂଶ ହାସଲ କରିବା, ଏହାର ବିଦ୍ୟମାନ ୩୦୦+ ଟଚ୍‌ପଏଂଟ୍‌କୁ ୬୦୦+କୁ ବୃଦ୍ଧି କରିବା ଏବଂ ଆର୍‌ଭି ଲିଡରସିପ୍‌ରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛି।ନୂଆ କିଆ ସେଲ୍‌ଟସ୍‌ରେ ଅତ୍ୟାଧୁନିକ ସେଗ୍‌ମେଂଟ୍‌ର ସର୍ବୋତମ ସ୍ତରର ୨ ଏଡିଏଏସ୍ ସହିତ ୩ଟି ରାଡାର, ଗୋଟିଏ ଫ୍ରଂଟ୍ କ୍ୟାମେରା ଓ ୧୭ଟି ଆଧୁନିକ ଆଡାପ୍ଟିଭ୍ ଫିଚର ରହିଛି ଯାହା କେବଳ ସୁପର ପ୍ରିମିୟମ କାର୍‌ରେ ରହିଥାଏ। ଏଥିରେ ୧୫ଟି ଅତ୍ୟାଧୁନିକ ସୁରକ୍ଷା ଫିଚର ସହିତ ସ୍ମାର୍ଟଷ୍ଟ୍ରିମ୍ ଜି୧.୫ ଟି-ଜିଡିଆଇ ପେଟ୍ରୋଲ ଇନ, ୧.୫ ଆଇ ସିଆର୍‌ଡିଆଇ ଭିଜିଟି ଡିଜେଲ ଇନ, ଡୁଆଲ ସ୍କ୍ରିନ୍ ପାନୋରାମିକ୍ ଡିସ୍‌ପ୍ଲେ, ୨୬.୦୪ ସେମି ଡିଜିଟାଲ କ୍ଲଷ୍ଟର, ୨୬.୦୩ ସେମି ଏଚ୍‌ଡି ଟଚ୍‌ସ୍କ୍ରିନ୍ ନାଭିଗେଶନ, ଡୁଆଲ ଜୋନ୍ ଫୁଲି ଅଟୋମେଟିକ୍ ଏୟାର କଣ୍ଡିସ୍‌ନର ଓ ଆର୍‌୧୮ ୪୬.୨୦ ସେମି କ୍ରିଷ୍ଟାଲ କଟ୍ ଗ୍ଲସି ବ୍ଲାକ୍ ଆଲୟ ହ୍ୱିଲ୍‌ସ, ବହୁପ୍ରତିକ୍ଷୀତ ଡୁଆଲପେନ୍ ପାନୋରାମିକ୍ ସନ୍‌ରୁଫ, ଇଲେକ୍ଟ୍ରିକ୍ ପାର୍କିଂ ବ୍ରେକ୍, କ୍ରାଉନ୍ ଜୁଏଲ୍ ଏଲ୍‌ଇଡି ହେଡ୍‌ଲ୍ୟାମ୍ପ, ଏଲ୍‌ଇଡି କନେକ୍ଟେଡ୍ ଟେଲ୍ ଲ୍ୟାମ୍ପ ଆଦି ଫିଚର ରହିଛି। ନୂଆ ସେଲ୍‌ଟସ୍ ୧୮ଟି ଭାରିଆଂଟ୍‌ରେ ଉପଲବ୍ଧ ହେବ। ଏହି କାର୍‌ର ଉନ୍ମୋଚନ ଅବସରରେ କିଆ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ତାଇ-ଜିନ୍ ପାର୍କ କହିଛନ୍ତି, 'ସେଲ୍‌ଟସ୍ ହେଉଛି ଏଭଳି ଏକ ଉତ୍ପାଦ ଯାହା ସହ ଆମେ ଭାରତରେ ପ୍ରବେଶ କରିଥିଲୁ ଏବଂ ଏହାପରଠାରୁ କିଆ ଇଣ୍ଡିଆ ଓ ସେଲ୍‌ଟସ୍‌ର ଯାତ୍ରା ପ୍ରାୟତଃ ସମାନ ରହିଛି। ନୂଆ ସେଲ୍‌ଟସ୍‌ରେ ସେଗ୍‌ମେଂଟ୍‌ର ସର୍ବୋତମ ଫିଚର ରହିଛି ଏବଂ ବ୍ରାଣ୍ଡ ସେଲ୍‌ଟସ୍‌ର ଦୃଢ ପରିଚୟକୁ ପ୍ରିମିୟମ ଆର୍‌ଭି ମାର୍କେଟ୍‌ରେ ଆହୁରି ଆଗକୁ ନେବା ପାଇଁ ଆମେ ଲକ୍ଷ୍ୟ ରଖିଛୁ। ଏହି ରଣନୈତିକ ଉନ୍ମୋଚନ ସହିତ ଆମେ ଭାରତରେ ଖୁବ୍‌ଶୀଘ୍ର ୧୦% ବଜାର ଅଂଶ ହାସଲ କରିବାକୁ ଲକ୍ଷ୍ୟ ରଖିଛୁ। ନୂଆ ସେଲ୍‌ଟସ୍‌ରେ ଏକ ନୂଆ ଲୁକ୍ ସହ ସେଗ୍‌ମେଂଟ୍‌ର ସବୁଠାରୁ ଶକ୍ତିଶାଳୀ ଇନ୍, ଅତ୍ୟାଧୁନିକ ସୁରକ୍ଷା ଓ ସ୍ମାର୍ଟ ଫିଚର ରହିଛି, ତେଣୁ ଆମର ନୂତନ ଯୁଗର ଗ୍ରାହକମାନେ ନିଶ୍ଚିତ ଭାବେ ଏହାକୁ ପସନ୍ଦ କରିବେ।'




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray